୬ ଫାଇନାଲ୍ ପୂର୍ବରୁ ଭାରତକୁ ଚ୍ୟାଲେଞ୍ଜ ଦେଲେ ପାକିସ୍ତାନ ଅଧିନାୟକ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୨୪୦ ● ୨୭ ସେପ୍ଟେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-240 ● 27th September 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-279

ସତ୍ୟମେବ ଜୟତେ

ଭାରତ ସରକାର ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସେବା ପର୍ବ-୨୦୨୫

## ~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

### ଭିତ୍ତିପ୍ରସ୍ତର ସ୍ଥାପନ

**ଆଠଟି IIT** (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର** ସିଟ୍ ବୃଦ୍ଧି - **₹ ୧୧,୦୦୦ କୋଟି**

**ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର

ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

### ନୂତନ ପ୍ରକଳ୍ପ/ ଯୋଜନା

**MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ -**₹ ୪,୨୦୦ କୋଟି**

**BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା

ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର ଘର** ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

### ରାଷ୍ଟ୍ରକୁ ସମର୍ପଣ

**କୋରାପୁଟ-ବାଇଗୁଡ଼ା** ରେଳ ଲାଇନ୍ ଦୋହରୀକରଣ -**₹ ୪୮୧ କୋଟି**

**ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ - **₹ ୯୫୫ କୋଟି**

### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରିଣ କରାଯିବ - **₹ ୩,୦୦୦ କୋଟି**

ଗରିମାମୟ ଉପସ୍ଥିତି

**ଡ଼. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ଼. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

## ଓଡ଼ିଶା ସରକାର

Live on DD News and DD Odia

Scan for Live View

OIPR-11001/13/0108/2526

31 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ସେପ୍ଟେମ୍ବର ୨୦୨୫ ଶନିବାର







## ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି କେଏନ୍‌ଡିଏ ମାର୍କେଟ୍

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କଳିଙ୍ଗନଗର ଓ ବ୍ୟାସନଗର ସହରକୁ ନେଇ କେଏନ୍‌ଡିଏ ଗଠନ କରାଯାଇଛି । ଏହି ସଂସ୍ଥାରେ ଥିବା କୋର୍ଟ ଛକର ମାର୍କେଟ କମ୍ପ୍ଲେକ୍ସ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଛାତରୁ ରଡ଼ ଦେଖାଯାଉଛି । ଛାତରୁ ପୁଳା ପୁଳା ଚିପ୍ସ ପଡ଼ୁଛି । ଏହି ମାର୍କେଟ୍ କମ୍ପ୍ଲେକ୍ସକୁ କେତେକ ବ୍ୟକ୍ତି କବ୍ଜା କରିନେଇ ବେପାର କରୁଛନ୍ତି । କେଏନ୍‌ଡିଏ କର୍ତ୍ତୃପକ୍ଷ ଦେଖି ନିରବ ରହୁଛନ୍ତି । ଯାହାଫଳରେ କେଏନ୍‌ଡିଏର ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଛି । ଏହି କମ୍ପ୍ଲେକ୍ସରେ ଅସାମାଜିକ କାର୍ଯ୍ୟ ହେଉଛି । ଯଦି ମାର୍କେଟ୍ କମ୍ପ୍ଲେକ୍ସରେ ଅଘଟଣ ଘଟେ ସେଥିପାଇଁ କେଏନ୍‌ଡିଏ କର୍ତ୍ତୃପକ୍ଷ ଦାୟୀ ରହିବେ । ତୁରନ୍ତ ମାର୍କେଟ୍ କମ୍ପ୍ଲେକ୍ସକୁ ଭାଙ୍ଗି ନୂତନ ଭାବରେ ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ କରି ରାସ୍ତା କଡ଼ରେ ବିକ୍ରି କରୁଥିବା ଉଠା ଦୋକାନୀ ମାନଙ୍କୁ ଥଇଥାନ କରିଲେ ସେମାନେ ଉପକୃତ ହେବା ସହିତ କେଏନ୍‌ଡିଏର ରାଜସ୍ୱ ବୃଦ୍ଧି ପାଇବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି ।

# ମହାବାତ୍ୟା ବେଳେ ଆସିଥିବା କୃଷ୍ଣସାର ଗଲେ କୁଆଡ଼େ ?

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ସୁରକ୍ଷା ସାଙ୍ଗକୁ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ବେଳେ ତୃଣମୂଳ ସ୍ତରରେ ବନ କର୍ମଚାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଯୋଜନା ବାଟବଣା ହେବା ସହ ଅସୁରକ୍ଷିତ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡୁଛନ୍ତି । ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଦିଗପହଣ୍ଡି ରେଞ୍ଜ ଅନ୍ତର୍ଗତ ଚିକିଟି ବନପାଳ ଅଧୀନ କୋଟଲିଙ୍ଗି ଅଞ୍ଚଳରେ । ସୂଚନା ମୁତାବକ ୧୯୯୯ ମହାବାତ୍ୟାରେ ପ୍ରାୟ ୮ ରୁ ୧୦ଟି କୃଷ୍ଣସାର ଓ ହରିଣ ବାଟହୁଡ଼ି କୋଟଲିଙ୍ଗି ଗ୍ରାମ୍ୟ ଜଙ୍ଗଲରେ ଆଶ୍ରୟ ନେଇଥିଲେ । କୃଷ୍ଣସାର ଓ ହରିଣଙ୍କୁ ଦେଖି ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯିବା ସହ ଏମାନଙ୍କ ସୁରକ୍ଷା ପାଇଁ ସମସ୍ତେ ଦୃଢ଼ ନଜର ରଖିବାକୁ ଏକ ପ୍ରକାର ହୁଇପ୍ ଜାରି କରିଲେ । ଫଳରେ ଏମାନଙ୍କ ବଂଶ ବିସ୍ତାର ହୋଇ ପ୍ରାୟ ୬୦ରୁ ଅଧିକ ହୋଇଥିଲେ । ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରଭାବରେ କୃଷ୍ଣସାର ଓ ହରିଣମାନେ ଗାଈ, ଛେଳି ଓ ମେଣ୍ଢା ପଲ ସହ ଅବାଧରେ ଚରାବୁଲା କରୁଥିଲେ । ନିକଟରେ ଏକ ବିରାଟ ପୁଷ୍କରିଣୀ ଥିବାରୁ ପାନୀୟ ଜଳର ଅସୁବିଧା ମଧ୍ୟ ନଥିଲା । ଗ୍ରାମ୍ୟ ଜଙ୍ଗଲରେ ପ୍ରବଳ ଗଛ ଥିବାରୁ ସେମାନଙ୍କ ଆସ୍ଥାନରେ ମଧ୍ୟ କୌଣସି ଅସୁବିଧା ନଥିଲା । ପୂର୍ବରୁ ବନ ଅଧିକାରୀମାନେ ମଧ୍ୟ ଏମାନଙ୍କ ଉପରେ ନଜର ରଖିବା ସହ ଗଣତି କରୁଥିଲେ । କିନ୍ତୁ ଏବେ କିଛି ଦିନ ହେବ ଆଉ ସେହି କୃଷ୍ଣସାର ମୃଗ ଓ ହରିଣମାନଙ୍କୁ ଦେଖିବାକୁ ମିଳୁନି । ଗ୍ରାମବାସୀ କହିବା ମୁତାବକ କୃଷ୍ଣସାରଙ୍କ ସୁରକ୍ଷା ପାଇଁ ଅଞ୍ଚଳବାସୀ ତତ୍ପର । କିନ୍ତୁ ବନବିଭାଗ ଏନେଇ ଆଦୌ ଆଗ୍ରହୀ ନଥିବା ପରି ମନେହେଉଛି । ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ । ଫଳରେ ଆଜି କୃଷ୍ଣସାର ଓ ହରିଣମାନେ ଉଭାନ୍ ହୋଇଗଲେ । ଏଠାରେ ଥିବା କୃଷ୍ଣସାର ଓ ହରିଣ କୁଆଡ଼େ ଗଲେ ତାର କୌଣସି ସନ୍ଧାନ ମିଳୁନି । ଏ ସମ୍ପର୍କରେ ଚିକିଟି ବନପାଳ କାମନା ଭୂୟାଁଙ୍କୁ ପଚାରାଯିବାରୁ ସେ କହିଥିଲେ ମୁଁ ଆସିବା ଠାରୁ ସେଠାରେ କୋଟଲିଙ୍ଗି ଗ୍ରାମ୍ୟ ଜଙ୍ଗଲରେ କୃଷ୍ଣସାର ଥିବା କେବେ ଦେଖିନି । ଗ୍ରାମ୍ୟ ଜଙ୍ଗଲଟି ରାଜସ୍ୱ ବିଭାଗ ଅଧୀନରେ ରହିଛି । ଏଠାରୁ ବେଧଡ଼କ ମୋରମ୍ ଖୋଳା ଓ ଚାଲାଣ ହେଉଛି । ଯାହାଦ୍ୱାରା କୃଷ୍ଣସାର ଅନ୍ୟତ୍ର ଚାଲିଯାଇଥିବା ଆଶଙ୍କା କରାଯାଉଛି । ଏହାକୁ ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି ।



## ବାଲିଯାତ୍ରା ପାଇଁ ପ୍ଲଟ୍ ଆବେଦନ ଆରମ୍ଭ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା ପାଇଁ ଆସନ୍ତାକାଲି ଅର୍ଥାତ୍ ସେପ୍ଟେମ୍ବର ୨୮ରୁ ପ୍ଲଟ୍ ଲାଗି ଆବେଦନ ଆରମ୍ଭ ହୋଇଛି । ଏ ନେଇ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ । ପ୍ରଶାସନ ପକ୍ଷରୁ ଆୟୋଜିତ ବାଲିଯାତ୍ରା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଏଡିଏମ୍ କହିଛନ୍ତି ଯେ, ଚଳିତବର୍ଷ କେବଳ ତଳ ପଡ଼ିଆରେ ବାଲିଯାତ୍ରା ହେବା ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ହେବନାହିଁ । ପ୍ଲଟ୍ ପାଇଁ ଆବେଦନକାରୀମାନେ ବାଲିଯାତ୍ରା ପ୍ଲାଟଫର୍ମରୁ ଆବେଦନପତ୍ର ସଂଗ୍ରହ କରିବା ସହିତ ସେଠିଠାରେ ଦାଖଲ କରିପାରିବେ । ସେପ୍ଟେମ୍ବର ୨୮ ତାରିଖ ଠାରୁ ଅକ୍ଟୋବର ୯ ତାରିଖ ମଧ୍ୟରେ ୧୦୦ ଟଙ୍କାରେ ଆବେଦନପତ୍ର ମିଳିବ । ଜଣେ ବ୍ୟକ୍ତି ବା ଅନୁଷ୍ଠାନ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଆବେଦନ କରିପାରିବେ । ଗୋଟିଏ ପ୍ଲଟ୍ ପାଇଁ ଏକାଧିକ ଆବେଦନ ଥିଲେ ନିଲାମ୍ ଜରିଆରେ ତାହାକୁ ଆବଣ୍ଟନ କରାଯିବ । ପ୍ଲଟ୍ ପିଛା ପ୍ରାରମ୍ଭିକ ପଞ୍ଜିକରଣ ରାଶି ୫ ହଜାର ଟଙ୍କା ରହିବ ।

# ୮ ସନ୍ତାନ ଥାଇ ମଧ୍ୟ ବୃଦ୍ଧ ପିତାଙ୍କୁ ବୃଦ୍ଧାଶ୍ରମରେ ଥଇଥାନ କରାଗଲା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଦମପୁର ଜମଲା କଲେଜରେ ରକ୍ତଦାନ ଶିବିର ସାରି ବରଗଡ଼ ଫେରୁଥିଲା ନିଷ୍ଠା ପରିବାରର ଟିମ୍ । ହଠାତ୍ ତେଲ ମହୁଲ ରାସ୍ତା କଡରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବୃଦ୍ଧ ମଉସା ବସିଥିବା ଆମ ନଜରକୁ ଆସେ । ଗାଡ଼ିରୁ ଓହ୍ଲାଇ ତାଙ୍କ ବିଷୟରେ ପଚାରି ବୁଝିଲୁ ମଉସା କୁଆଡେ ଯାଉଛ ତମ ନାଁ କଣ ଓ ଏଠି କଣ କରୁଛ, ତମ ପୁଅ ଝିଅ ଅଛନ୍ତି କି ନାହିଁ । ମଉସାଙ୍କୁ ଟିକେ କମ୍ ଶୁଭେ । କୋହ ଭରା ସ୍ୱରରେ ଉତ୍ତର ଦେଲେ ମୋର ନାଁ ଦନାର ସାହୁ । ଗାଁ ପନରି ପାଏଁନ, ମେଲଛା ମୁଣ୍ଡା ଥାନା । 'ମୋର ତିନ୍ ଟା ପୁଅ ଆଉ ପାଞ୍ଚ ଝି ବୁଆ ହେଲେ କିହେ ମତେ ଥିର୍ ଢୁକେ ବି ନାଇଁ ଦିଅନ୍ ।' ଚାଲିବା ବି ତାଙ୍କ ପକ୍ଷେ ଖୁବ୍ କଷ୍ଟ କର ଥିଲା । ମାଉସୀ କଥା ପଚାରିବାରୁ କହିଲେ 'ବୁଢ଼ୀ ଅଛେ ଯେ ତାର ଦିହେ ବି କେଥନୀ ଖରାପ ସାନ ପିଲା ରଖିଛେ ।' ମତେ କିହେ ନାଇଁ ରଖଲେ ପୂତା ବୋଲି କୋହ ଭରା କଣ୍ଠରେ ଉତ୍ତର ଦେଇଥିଲେ ମଉସା । ଯାହା ଆମକୁ ଖୁବ୍ ବ୍ୟଥିତ ଓ ବିଚଳିତ କରିଥିଲା । ବୃଦ୍ଧାଶ୍ରମରେ ରହିବ କି ବୋଲି ପଚାରିବାରୁ ସଙ୍ଗେ ସଙ୍ଗେ ହଁ କହିଥିଲେ ମଉସା । ତୁରନ୍ତ କାର୍‌ରେ ମଉସାଙ୍କୁ ବସେଇ ବିଜେପୁରରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ତାଙ୍କର ଥଇଥାନ କରିଥିଲୁ । ବୃଦ୍ଧାଶ୍ରମର ମୁଖ୍ୟ ଜଳନ୍ଧର ପଟେଲ ଆଜ୍ଞାଙ୍କୁ କୋଟି କୋଟି ଧନ୍ୟବାଦ । ଆମକୁ ମଉସା କହିଥିଲେ ମୋର୍ ପୁଓ ମାନଙ୍କୁ ନାଇଁ କହେବ ମୁଇଁ ଇନ୍ ଅଛେ ବୋଲି ମୁଇଁ ଆଉ ନାଇଁ ଯାଏନ ଇନ୍ ରହେମି ବୋଲି କହି କାନ୍ଦି ପକେଇଥିଲେ । ଦିନ ଥିଲା ଦୁଇ ଜଣ ମା' ବାପା ଦୁନିଆଁର ସବୁ କଷ୍ଟ ସହି ଆଠ ଜଣ ଛୁଆଙ୍କୁ ଛୋଟରୁ ବଡ଼ କରିଥିଲେ ଓ ସମସ୍ତଙ୍କୁ ବିବାହ କରେଇଥିଲେ କିନ୍ତୁ ଆଜି ସେ ମା' ବାପା ଅଲୋଡ଼ା । ଆମ ବିଜ୍ଞାନ ଯେତେ ଅଗ୍ରଗତି କଲେ କଣ ହେବ ଆମର ମାନବିକତା ଧୀରେ ଧୀରେ ହଜିଯାଉଛି । ଆମର ପ୍ରଥମ ଭଗବାନ ଆମ ବାପା ମା' । ତାଙ୍କର ସେବା କରିବା ଆମର ପ୍ରଥମ କର୍ତ୍ତବ୍ୟ । ଆସନ୍ତୁ ବାପା ମା'ଙ୍କୁ ଆମ ହୃଦୟରେ ରଖିବା ବୃଦ୍ଧାଶ୍ରମରେ ନୁହେଁ ।



# ରେଡ୍ କ୍ରସ୍ ଆଦାୟକୁ ନେଇ ପୂଜା କମିଟିର ଅସନ୍ତୋଷ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବରରେ ପାଳନ କରାଯାଏ । ଦୀର୍ଘ ୧୦୦ ବର୍ଷ ହେଲା ଏହି ଗଣପର୍ବ ପାଳନ ହୋଇଆସୁଛି । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ଠାରୁ ଅନୁମତି ପାଇବା ପାଇଁ ଆବେଦନ କରିବାକୁ ହୋଇଥାଏ । ଚଳିତ ବର୍ଷ ଏହି ଅନୁମତି ପାଇଁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତ୍ୟେକ ପୂଜା କମିଟି ଠାରୁ ୨ ହଜାର ଟଙ୍କା ଲେଖାଏଁ ରେଡ୍ କ୍ରସ୍ ଚାନ୍ଦା ଆଦାୟ ପାଇଁ ନିର୍ଦ୍ଦେଶ ଦେଉଥିବାରୁ ଏହାକୁ ନେଇ ପୂଜା କମିଟି ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଗତ ଗଣେଶ ପୂଜା ଅନୁମତି ପାଇଁ ୫ ଶହ ଟଙ୍କା ଲେଖାଏଁ ରେଡ୍ କ୍ରସ୍ ଚାନ୍ଦା ଆଦାୟ କରାଯାଇଥିବା ବେଳେ ଗଜଲକ୍ଷ୍ମୀ ପୂଜା ଓ ଅନ୍ୟାନ୍ୟ ଅନୁମତି ପାଇଁ ୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିବାରୁ ଏହାକୁ ବିରୋଧ କରି କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ତୁରନ୍ତ ଏହି ନିଷ୍ପତିକୁ ପରିବର୍ତ୍ତନ ପାଇଁ ଦାବି କରାଯାଇଛି । ଏନେଇ ଏକ ଦାବିପତ୍ର କେନ୍ଦ୍ରୀୟ ପୂଜା କମିଟି ସଭାପତି ଯୁଗଳ ବେହେରାଙ୍କ ସମେତ ଭୀମସେନ ବେହେରା, ସୁବାସ ସାହୁ, ଅଶୋକ ଲେଙ୍କା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ତହସିଲ ରାଧାବଲ୍ଲଭପୁର ରାଜସ୍ୱ ନିରିକ୍ଷକ ନଗେନ୍ଦ୍ର ଦାସ ଜମି ମ୍ୟୁଟେଶନ କରିଦେବା ପାଇଁ ଜଣେ ବ୍ୟକ୍ତିଙ୍କ ପାଖରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଓ ଭଦ୍ରକ ଭିଜିଲାନ୍ସ ବିଭାଗ ଧରିଛନ୍ତି । ରାଧାବଲ୍ଲଭପୁର ରାଜସ୍ୱ ନିରୀକ୍ଷକ ନଗେନ୍ଦ୍ର ଦାସ ଭଗବାନପୁର ପଞ୍ଚାୟତର ପଳିକିରୀ ଗ୍ରାମର ଦୟାନିଧି ମାଝୀଙ୍କ ଠାରୁ ଜମି ମ୍ୟୁଟେସନ୍ କରିବା ପାଇଁ ୪ ହଜାର ଟଙ୍କା ଦାବି କରିଥିଲେ । ଏଥିରେ ନୟାନ୍ତ ହୋଇ ଶ୍ରୀ ମାଝୀ ଭଦ୍ରକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗରର ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକ, ଇନ୍ସପେକ୍ଟର ବଙ୍କିମ୍ ବଡ୍ୱାଲିଙ୍କ ସମେତ ୧୦ ଜଣିଆ ଟିମ୍ ରାଜସ୍ୱ ନିରିକ୍ଷକଙ୍କୁ ଧରିବା ପାଇଁ ଯୋଜନା କରିଥିଲେ । ଅଭିଯୋଗକାରୀ ଶ୍ରୀ ମାଝୀ ରାଜସ୍ୱ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱ ନିରୀକ୍ଷକ ଶ୍ରୀ ଦାସଙ୍କୁ ୪ ହଜାର ଟଙ୍କା ଦେଉଥିବା ସମୟରେ ହଠାତ୍ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ । ତାପରେ କାର୍ଯ୍ୟାଳୟ ପରିସରରେ ୨ ଘଣ୍ଟା ପାଖାପାଖି ତନାଘନା କରିଥିଲେ । ଏଥିରେ ବିଭିନ୍ନ କଗାଜପତ୍ର ସମେତ ନଗେନ ଦାସଙ୍କୁ ଗିରଫ କରି ଭିଜିଲାନ୍ସ ବିଭାଗ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ନେଇଯାଇଥିଲେ । ବାଲେଶ୍ୱର ସ୍ଥିତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଇନ୍ସପେକ୍ଟର ଶ୍ରୀ ବଡ୍ୱାଲି କହିଥିଲେ । ସେ ୧ ବର୍ଷ ହେବ ଭଣ୍ଡାରୀପୋଖରୀ ତହସିଲରୁ ବଦଳି ହୋଇ ଧାମନଗରକୁ ଆସିଥିଲେ । ତେବେ ସେ ଅନେକ ଲୋକଙ୍କ ଠାରୁ ବିଭିନ୍ନ ଆଳ ଦେଖାଇ ଟଙ୍କା ଲୁଟିଥାନ୍ତି । କର୍ଯ୍ୟାଳୟରେ ଜଣେ ସ୍ଥାନୀୟ ଲୋକଙ୍କୁ ରଖି ଟଙ୍କା ଆଦାୟ କରିଥାନ୍ତି । ସେହି ଟଙ୍କାରେ ନିଜର ଏକ ଆଲିସାନ୍ ବଙ୍ଗଳା କରିବା ସହ କାର୍ଯ୍ୟାଳୟ ପରିସରରେ ମଦ ମାଂସର ଆସର ଜମାଇଥାନ୍ତି । ଭିଜିଲାନ୍ସ ଜାଲରେ ରାଜସ୍ୱ ନିରିକ୍ଷକ ଧରାପଡ଼ିବା ପରେ ଖବର ସୋସିଆଲ ମିଡ଼ିଆରେ ପ୍ରଘଟ ପରେ ଆଉ ଜଣେ ଜିଓ ବିକାଶ ଦାସ ସାମ୍ବାଦିକଙ୍କୁ ଗାଳି କରିବା ସହ ଭକୁଆ ସାମ୍ବାଦିକ ଭଳି ଆଚରଣ କରିଛନ୍ତି । ଯାହା ସ୍ପଷ୍ଟ ବାରିହେଉଛି । ଜିଓ ଜଣଙ୍କ ଦୁର୍ନୀତିକୁ ପ୍ରଶ୍ରୟ ଦେଇଛନ୍ତି ବୋଲି ଅନୁମାନ କରାଯାଏ ।





## ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରତିଷ୍ଠା

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ନୁଆଁ ଗୁମ୍ଫା ଠାରେ ଭଗବତୀ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ତନ୍ତ୍ର ଶିରୋମଣି ପଣ୍ଡିତ ଶ୍ରୀ ନୀଳମାଧବ ରଥଙ୍କ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିବା ବେଳେ ବିଦୁର ବାବାଙ୍କ ସହଯୋଗ ରହିଥିଲା । ଏଥିସହ ଚଳିତବର୍ଷ ପ୍ରଥମ କରି ଶାରଦୀୟ ଦୁର୍ଗୋତ୍ସବ ପର୍ବ ଉତ୍କଳୀୟ ରୀତିନୀତିରେ ଉକ୍ତ ପୀଠରେ ସମ୍ପାଦିତ ହେଉଛି । ଏହାକୁ ନେଇ ଗ୍ରାମବାସୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଦୟାନନ୍ଦ ବ୍ରହ୍ମଚାରୀ, କାହ୍ନା ଗୌଡ, ଓମ୍ ପ୍ରଶାଦ ଗୌଡ, ରୋହିତ ଗୌଡ, ପ୍ରହଲ୍ଲାଦ ଗୌଡ, ପ୍ରଭାକର ରଥ ଶର୍ମା ଏବଂ ଓମ୍ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଆଗାମୀ ଦିନରେ ଏହି ଅଞ୍ଚଳରେ ଧର୍ମ ପ୍ରଚାର ସନାତନ ଧର୍ମ ରକ୍ଷା ଦିଗରେ ପଦକ୍ଷେପ ନିଆଯିବ ବୋଲି ପଣ୍ଡିତ ନୀଳମାଧବ ରଥ ଶର୍ମା କହିଛନ୍ତି ।

# ଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବଡ଼ସାହି ବ୍ଲକ୍ ଅନ୍ତର୍ଗତ ମେରଦା ନୂଆଗାଁରେ ଜମି ପଟ୍ଟା ପ୍ରଦାନ କରିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏନେଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସହିତ ଆସି ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ଉକ୍ତ ଗ୍ରାମରେ ଲୋକେ ବହୁ ବର୍ଷ ହେବ ବସବାସ କରିଆସୁଛନ୍ତି । କିନ୍ତୁ ତାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉନାହିଁ । ଯାହାଫଳରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନେ ପ୍ରାୟତଃ ମୂଲ ଲାଗି ଚଳୁଥିବା ବେଳେ ଗ୍ରାମର ଲୋକେ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି । ତେବେ ସେମାନେ ଜମି କ୍ରୟ କରି ଘର କରିବା ଅସମ୍ଭବ ଅଟେ । ଏ ବାବଦରେ ତହସିଲଦାରଙ୍କୁ ବାରମ୍ବାର ଅବଗତ କରିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନକରି ମିଥ୍ୟା ଆଶ୍ୱାସନା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତେଣୁକରି ତୁରନ୍ତ ପଦକ୍ଷେପ ଗ୍ରହଣ କରି ତାଙ୍କୁ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି । ନହେଲେ ସମୂହ ଗ୍ରାମବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ପାଇଁ ତାଲିମ୍ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ସ୍ତରୀୟ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ- ୨୦୦୫ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି ଭାବରେ ରଞ୍ଜିତା ସାହୁ, ସଦସ୍ୟା ଜିଲ୍ଲା କିଶୋର ନ୍ୟାୟ ବୋର୍ଡ, ସୁବର୍ଣ୍ଣପୁର, ସଞ୍ଜୁ କୁମାରୀ ସାହୁ, ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ, ସୁବର୍ଣ୍ଣପୁର ଯୋଗଦାନ କରିଥିଲେ । ଶଙ୍କର୍ଷଣ ପଣ୍ଡା, ଅଧ୍ୟକ୍ଷ ଜିଲ୍ଲା ଶିଶୁ ସୁରକ୍ଷା କମିଟି, ସୁବର୍ଣ୍ଣପୁର, ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟ ହେମନ୍ତ କୁମାର ସା, ଶିଶୁ ସହାୟତା ହେଲ୍ପ ଲାଇନ୍ ସଂଯୋଜକ ସୁଜିତ୍ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ସଂଯୁକ୍ତ ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୁଡିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କର୍ମଚାରୀ ବୃନ୍ଦ, ମହିଳା ପରିଦର୍ଶିକା ବୃନ୍ଦ, ଅଙ୍ଗନବାଡ଼ି କର୍ମୀ ବୃନ୍ଦ, ସୁବର୍ଣ୍ଣପୁର ଜିଲ୍ଲାର ମହିଳାମାନେ ଉପସ୍ଥିତ ଥିଲେ । ଏହି ତାଲିମ୍ ଶିବିରକୁ ବାସନ୍ତୀ ଭୋଇ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପରିଚାଳନ କରିଥିଲେ ।

# ବାଇକ୍ ସହ ଗଞ୍ଜେଇ ଜବତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ତୀବ୍ର ଅଭିଯାନ ସଫଳ ହୋଇଛି । ଓଆଇସି ସ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିକିପୁର ଛକରୁ ୧.୨୦୦ କିଗ୍ରା ଗଞ୍ଜେଇ ଜବତ କରିଛି ତିର୍ତ୍ତୋଲ ଅବକାରୀ ଥାନା । ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୧୨୦୦୦ ଟଙ୍କା । ଏହି ଅଭିଯାନରେ ଅଜୟ କୁମାର ସାହାଣୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଘଟଣାରେ, ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ଛକରୁ ୮.୬୪୦ ଲିଟର ବିଦେଶୀ ମଦ ସହିତ ଗୋଟିଏ ଦୁଇ-ଚକିଆ ଯାନ ଜବତ କରିଛି । ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଓ ଘଟଣାସ୍ଥଳରୁ ଅବକାଶ ସ୍ୱାଇଁ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ଓ ଚୋରା ମଦ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ ।



## ବାଣୀବିହାର ୮୦ର ବିଶେଷ ସାଧାରଣ ବୈଠକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଭରତପୁର ସ୍ଥିତ ଶରତଙ୍କ ବୈଠକୀରେ ବାଣୀବିହାର ୮୦ର ସାଧାରଣ ବୈଠକ ସଭାପତି ପ୍ରତୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ କୋଡ଼ିଏ ଜଣ ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ଆଗାମୀ ଡ଼ିସେମ୍ବର ୧୪ ତାରିଖ ରବିବାର ଦିନ ଅନୁଷ୍ଠାନର ବାର୍ଷିକ ସାଧାରଣ ବୈଠକ ତ୍ରିଶୁଳିଆ ନିକଟବର୍ତ୍ତୀ ଏକ ଫାର୍ମ ହାଉସ୍‌ରେ କରାଇବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ଦାଶ, କୋଷାଧ୍ୟକ୍ଷ ପରେଶ ମହାନ୍ତି, ସହ ସମ୍ପାଦକ ନରହରି ଶିଅଳ, ବରିଷ୍ଠ ସଦସ୍ୟ ପୂର୍ଣ୍ଣ ମିଶ୍ର, ଅଲେଖ ନନ୍ଦୀ, ଘନଶ୍ୟାମ ଓଝା, ସୁକାନ୍ତ ମହାନ୍ତି, ଶରତ ଦାଶ, ସବିତା ସାମନ୍ତରାୟ, ଗୀତାଞ୍ଜଳି ମହାପାତ୍ର, ନିହାରିକା ମିଶ୍ର, ସମୀର ମିଶ୍ର, ବିକ୍ରମ ଦାସ, ପ୍ରଦ୍ୟୋତ ପ୍ରଧାନ, ଶିଶିର ପରିଡ଼ା ଓ ମହେଶ୍ୱର ରଥ ଏହି ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରତିମାସରେ ଅନ୍ୟୁନ ଥରେ ଅନ୍ନସେବା କରିବା ପାଇଁ ସମସ୍ତେ ଏକମତ ହୋଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୭।୯।୨୦୨୫, ଆଶ୍ୱିନ ଦି୧୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୬।୩୫** **ଚନ୍ଦ୍ରୋଦୟ- ଦିଘ ୧୦।୦୩।୧୨**

**ପଞ୍ଚମୀ-** ଦିଘ ୧୨।୦୪ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୧।୦୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ, ପଣସ ଦିଘ ୧୨।୦୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୫ ଗତେ ଘ ୮।୩୮ ମଧ୍ୟେ । ଦିଘ ୧୨।୦୧ ଗତେ ଘ ୧।୦୭ ମଧ୍ୟେ । **ପର୍ବୋତ୍ସବ-** ପୀଠେ ଷଷ୍ଠ୍ୟାଦି କଳ୍ପ, ବିଶ୍ୱ ପର୍ଯ୍ୟଟନ ଦିବସ ।



**ମେଷ:** ଶାରିରୀକ ପୀଡା ଦେଖାଦେଇପାରେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ସମସ୍ତ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଘରେ ଶାନ୍ତି ଲାଭ ।



**ବୃଷ:** ଉପର ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡିପାରନ୍ତି । ବନ୍ଧୁ ଦର୍ଶନର ସୁଯୋଗ ରହିବ । ଅର୍ଥ ପ୍ରାପ୍ତି ହେବ । ଅପେକ୍ଷା କରିଥିବା ଖବରଟି ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**ମିଥୁନ:** ଶତ୍ରୁ ହାନି ଘଟିବ । କୌଣସି କାର୍ଯ୍ୟ ତରବରିଆ ଭାବରେ କଲେ କ୍ଷତିରେ ପଡିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ବନ୍ଧୁ ଦର୍ଶନ ।



**କର୍କଟ:** ଭ୍ରମଣ କରିପାରନ୍ତି । ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି । ସୌଖିନ ଦ୍ରବ୍ୟ କ୍ରୟ କରିପାରନ୍ତି । ବହୁ ସମୟ ଅନ୍ୟ ମନସ୍କ ରହିବେ ।



**ସିଂହ:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସାବଧାନତା ବଶତଃ ଦ୍ରବ୍ୟ ହାନି ଘଟିପାରେ । ରୋଜଗାର ସ୍ଥିର ରହିବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ଚାକିରୀ କ୍ଷେତ୍ରରେ ଉଚ୍ଚ ପ୍ରଶଂସା ଲାଭ ହେବ । ଅସାଧ୍ୟ ସାଧନ କରିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ରୋଜଗାର ପରିମାଣ ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମନ ଭଲ ରହିବ ।



**ତୁଳା:** ସମସ୍ତ କାର୍ଯ୍ୟରେ ଆଶା ରଖି କାର୍ଯ୍ୟ କଲେ ସଫଳତା ପ୍ରାପ୍ତ ହେବ । କଚେରୀ ମାମଲାରେ ଶୁଣାଣି ମନ୍ଥର ହୋଇପାରେ । ଶରୀର ସାମାନ୍ୟ ଅସୁସ୍ଥ ରହିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ଅଟେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନିଧ୍ୟ ଲାଭ କରିବେ । ଉତ୍ତମ ଭୋଜନରେ ଆପାୟିତ ହେବେ । ପାରିବାରିକ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ ।



**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଅଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ ହେବ ।



**ମକର:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ଶତ୍ରୁମାନେ ପରାଜିତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଉତ୍ତମ ଭୋଜନରେ ଆପାୟିତ ହେବେ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବେ । ପାରିବାରିକ ଜୀବନ ସୁଖପ୍ରଦ ହେବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । ଶତ୍ରୁମାନେ ଶରଣାଗତ ହେବେ । ଆୟ ଯୋଗ ।



**ମୀନ:** ବ୍ୟବସାୟରେ ଲାଭବାନ ହେବେ । ଦେବ ଦର୍ଶନ ସହିତ ସେବା ପୂଜାରେ ସୁଯୋଗ । ପିଲାମାନେ ପଢାପଢିରେ ସଫଳତା ହାସଲ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୮।୯।୨୦୨୫, ଆଶ୍ୱିନ ଦି୧୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୬।୪୯** **ଚନ୍ଦ୍ରୋଦୟ- ଦିଘ ୧୦।୫୭।୧୬**

**ଷଷ୍ଠୀ-** ଦିଘ ୨।୨୮ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ବିଛା ରାଶି-** ରାଘ ୩।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୩।୫୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୩।୫୫ ପରେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୨।୨୮ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୮।୫୦ ମଧ୍ୟେ । ଦିଘ ୩।୫୮ ଗତେ ଘ ୪।୦୪ ମଧ୍ୟେ । **ପର୍ବୋତ୍ସବ-** ତପଃ ଷଷ୍ଠୀ, ପୀଠ ଦେବୀଙ୍କ ସପ୍ତମୀ ପୂଜା, ମୃଣ୍ମୟୀ ଦୁର୍ଗାଙ୍କ ଷଷ୍ଠୀ ବିଲ୍ୱାଧିବାସ, କବିବର ରାଧାନାଥ ଓ ଭଗତ୍‌ସିଂହ ଜୟନ୍ତୀ ।

୬ ଅଶୋଭନୀୟ ଆଚରଣ ପାଇଁ ୩୦% ତଣ୍ଡ ଗଣିବେ ହାରିସ ରଉଫ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୨୪୦ ● ୨୭ ସେପ୍ଟେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-240 ● 27th September 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




# ଲଘୁଚାପ ଜନିତ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଦୁର୍ବଳ ନଦୀ ଓ କେନାଲ ବନ୍ଧ ଉପରେ ନଜର ରଖିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୬।୯
ନ୍ୟୁଜ୍ ବ୍ୟୁରୋ

ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁ ପ୍ରଭାବିତ ହେବାକୁ ଥିବା ୧୭ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସମୀକ୍ଷା ବୈଠକ କରିଛନ୍ତି।

ସୂଚନାଯୋଗ୍ୟ ଯେ ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଲଘୁଚାପ ପ୍ରଭାବରେ ୩ ଟି ଜିଲ୍ଲା ଯଥା- କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ଥିବାବେଳେ ୧୪ ଟି ଜିଲ୍ଲା ଯଥା- ନବରଙ୍ଗପୁର, ନୂଆପଡା, ବଲାଙ୍ଗିର, ରାୟଗଡା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ।

ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟ କରିବା ଏବଂ ଏହାର ତଥ୍ୟ ଗୁଡିକ ଯେପରି ନିୟମିତ ଭାବେ ଅପଡେଟ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି ।

ଲଘୁଚାପ ଜନିତ ବର୍ଷା ଏବଂ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ ଯେ ପ୍ରବଳ ବର୍ଷା ଯୋଗୁଁ ସହରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଏପରି ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ (ପୃଷ୍ଠା ୭ରେ)

# ଆଜି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦୀ : ହାଇଆଲର୍ଟରେ ଝାରସୁଗୁଡ଼ା

ଝାରସୁଗୁଡା, ୨୬।୯
ନ୍ୟୁଜ୍ ବ୍ୟୁରୋ

ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏନେଇ ହାଇଆଲର୍ଟରେ ରହିଛି ଝାରସୁଗୁଡ଼ା ସହର। ଝାରସୁଗୁଡ଼ାରେ ଅନୁଷ୍ଠିତ ହେବାକୁ ଥିବା ସେବା ପର୍ବ ପାଇଁ ସର୍ବଭାରତୀୟ ଯୁବ ସମାବେଶ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ ଦେବେ। ପୂର୍ବାହ୍ନ ୧୧ଟା ୧୦ ମିନିଟରେ ପ୍ରଧାନମନ୍ତ୍ରୀ ମୋଦୀ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ। ଏଥିପାଇଁ ଶୁକ୍ରବାର ଝାରସୁଗୁଡା ବିମାନ ବନ୍ଦରଠାରୁ ସଭାସ୍ଥଳ ଅମଲିପାଲି ପଡ଼ିଆ ପର୍ଯ୍ୟନ୍ତ କାରକେଡ୍ ରିହର୍ସଲ କରାଯାଇଛି। ବିମାନ ବନ୍ଦରରୁ ଉକ୍ତ କାରକେଡ ବାହାରି ୨.୫ କିମି ଦୂରରେ ଥିବା ଅମଲିପାଲିସ୍ଥିତ ପଡ଼ିଆରେ ପହଞ୍ଚିଥିଲା। ବରିଷ୍ଠ ପୁଲିସ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥିବା ସ୍ୱତନ୍ତ୍ର ଗାଡ଼ିକୁ କର୍ଡନ କରି ସଭାସ୍ଥଳରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ସମାବେଶକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ



ରାଜ୍ୟମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ, ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନେ ଗୁରୁବାର ଠାରୁ ଏଠାରେ ରହି ପ୍ରସ୍ତୁତି କାର୍ଯ୍ୟକ୍ରମରେ ଲାଗି ପଡିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବସମାବେଶକୁ ସମ୍ବୋଧିତ କରିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ସମାବେଶରେ ଝାରସୁଗୁଡା ଜିଲ୍ଲା ଏବଂ ନିକଟବର୍ତ୍ତୀ ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ଏବଂ ବରଗଡ଼ ଜିଲ୍ଲାର କଲେଜ ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ।

ଛାତ୍ରଛାତ୍ରୀମାନଙ୍କୁ କ୍ୟାରିଅର ପରାମର୍ଶ, ପ୍ଲେସମେଣ୍ଟର ଲାଭ, ଷ୍ଟାର୍ଟଅପ୍ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ପାରସ୍ପରିକ ଆଲୋଚନା ହେବ।

ଛାତ୍ରଛାତ୍ରୀମାନଙ୍କୁ ଏନସିସି ବିଷୟରେ ଅବଗତ କରାଇବା ପାଇଁ ଏନସିସି ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ଷ୍ଟଲ ରହିବ । ଏନେଇ ଉଚ୍ଚ ଶିକ୍ଷା ବିଭାଗ ତରଫ ରୁ ଉପ-ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଝାରସୁଗୁଡା କାର୍ଯ୍ୟକ୍ରମ ସାରି ୧୨ଟା ୪୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ରାଜ୍ୟ ପୋଲିସ ଡିଜି ୱାଇ.ବି. ଖୁରାନିଆ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ସଭାସ୍ଥଳରେ ଯାଞ୍ଚ କରିଛନ୍ତି। ତାଙ୍କ ସହ ଏଡିଜି ସନ୍ତୋଷ ବାଲା, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ସହିତ ଝାରସୁଗୁଡ଼ା ଏସ୍‌ପି ଆର ରାଘବେନ୍ଦ୍ରଙ୍କ ସହିତ ଏନଏସଜି କମାଣ୍ଡୋମାନେ ମଧ୍ୟ ସଭାସ୍ଥଳର ସମୀକ୍ଷା କରିଛନ୍ତି।

## ଆଜିର ମୁଖ୍ୟ ଖବର

- ଜାତିସଂଘରେ ଗାଜା ପାଇଁ ଶାନ୍ତି ଯୋଜନା ଆଲୋଚନାରେ ଅଗ୍ରଗତି ।
- ସମସ୍ତ କର୍ମଚାରୀଙ୍କ ପାଇଁ ବ୍ରିଟେନରେ ଡିଜିଟାଲ ପରିଚୟପତ୍ର ବାଧ୍ୟତାମୂଳକ ।
- ଔଷଧ, ଗାଡ଼ି ଓ ଆସବାବପତ୍ର ଉପରେ ଯୁକ୍ତରାଷ୍ଟ୍ରର ନୂତନ ଶୁଳ୍କ।
- ବିଶାଳ ଘୂର୍ଣ୍ଣିବାତ୍ୟା ଯୋଗୁଁ ତାଇୱାନ ଓ ଦକ୍ଷିଣ ଚୀନରେ ଧ୍ୱଂସ ଲୀଳା।
- ଆର୍ଜେଣ୍ଟିନାରୁ ସୋୟାତେଲ ଆମଦାନୀରେ ଭାରତର ନୂତନ ରେକର୍ଡ ।
- ପଦଭର୍ତ୍ତି ପାଇଁ ସାତ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀଙ୍କ ଆବେଦନ ଆରମ୍ଭ ।

# ଆଗାମୀ ନିର୍ବାଚନ ତାଲିକାର ଏସ୍‌ଆଇଆର ପ୍ରସ୍ତୁତି ସମୀକ୍ଷା କଲେ ସିଇଓ

ଭୁବନେଶ୍ୱର, ୨୬।୯
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ଆଗାମୀ ନିର୍ବାଚନ ତାଲିକାର ବିଶେଷ ସଘନ ସଂଶୋଧନ (ଏସଆଇଆର) ୨୦୨୬ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ




ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ (ପୃଷ୍ଠା ୭ରେ)

# ପ୍ରକାଶ ପାଇଲା ସିଭିଲ ସର୍ଭିସ୍ ପରୀକ୍ଷାଫଳ : ପ୍ରିୟାଂଶୁ ପାଲ୍ ଟପ୍ପର

ଭୁବନେଶ୍ୱର, ୨୬।୯
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା, ୨୦୨୩ର ଫଳାଫଳ ଶୁକ୍ରବାର ଦିନ ପ୍ରକାଶିତ ହୋଇଛି । ଏହାର ସମ୍ପୂର୍ଣ୍ଣ ଚୟନ ତାଲିକା ଓଡିଶା ଲୋକସେବା ଆୟୋଗର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଓପିଏସସି.ଜିଓଭି.ଇନ୍‌ରେ ଉପଲବ୍ଧ ଅଛି ।

ଓଡିଶା ଲୋକସେବା ଆୟୋଗ ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା, ୨୦୨୩ ପାଇଁ ୩୯୮ (୧୪୪ - ମହିଳା) ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିଛନ୍ତି ଏବଂ ପ୍ରିୟାଂଶୁ ପାଲ୍



ଏହି ଚୟନ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଚୟନ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୨୨। (୩ - ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୮ (୧୮ - ମହିଳା), ଅନୁସୂଚିତ ଜାତି ବର୍ଗରେ ୬୦ (୨୧ - ମହିଳା), (ପୃଷ୍ଠା ୭ରେ)

## ସଫଳ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୯
ନ୍ୟୁଜ୍ ବ୍ୟୁରୋ

ଓପିଏସସି ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୮୮ (+୪୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୩୦ (+୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୬୧୬ (+୩୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୫୩ (+୩)

# ନାଟୋ ମୁଖ୍ୟଙ୍କ ବୟାନ ଦାୟିତ୍ୱହୀନ: ଭାରତ

ନୂଆଦିଲ୍ଲୀ, ୨୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ଶୁଳ୍କ ବିଷୟରେ ଆଲୋଚନା କରିଥିଲେ ବୋଲି ନାଟୋ ମୁଖ୍ୟ ମାର୍କ ରୁଟଙ୍କ ଦାବିକୁ ଭାରତ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି। ଭାରତ ସ୍ପଷ୍ଟ କରିଛି ଯେ ଏହି ସମ୍ପର୍କରେ ମୋଦୀ ଏବଂ ପୁଟିନଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। ଶୁକ୍ରବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ରୁଟଙ୍କ ବୟାନ ତଥ୍ୟଗତ ଭାବରେ ଭୁଲ ଏବଂ ସମ୍ପୂର୍ଣ୍ଣ ଭିତ୍ତିହୀନ। ପ୍ରଧାନମନ୍ତ୍ରୀ ମୋଦୀ କେବେ ରାଷ୍ଟ୍ରପତି ପୁଟିନଙ୍କ ସହ ଯେପରି ରିପୋର୍ଟ କରାଯାଉଛି ସେପରି କଥା ହୋଇନାହାଁନ୍ତି। ଏପରି କୌଣସି ଆଲୋଚନା ହୋଇନାହିଁ। ଜୟସ୍ୱାଲ ନାଟୋ ମୁଖ୍ୟ ରୁଟଙ୍କୁ ପରାମର୍ଶ ମଧ୍ୟ ଦେଇଥିଲେ ଯେ ଏତେ ଗୁରୁତ୍ୱପୂର୍ଣ୍ଣ ସଂଗଠନର ମୁଖ୍ୟ ଦାୟିତ୍ୱହୀନ ବୟାନ ଦେବା ଉଚିତ୍ ନୁହେଁ।

# ମିଗ୍ -୨୧ ବିମାନ ଭାରତୀୟ ବାୟୁସେନାରୁ ବିଦାୟ

ନୂଆଦିଲ୍ଲୀ, ୨୬।୯

୬୨ ବର୍ଷ ଧରି ଭାରତୀୟ ଆକାଶରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏବଂ ପାକିସ୍ତାନ ସହିତ ତିନୋଟି ଯୁଦ୍ଧ ଲଢ଼ିଥିବା ମିଗ୍-୨୧ ବିମାନ ଶେଷରେ ଶୁକ୍ରବାର ବାୟୁସେନାରୁ ବିଦାୟ ନେଇଛି। ଏହାର ଶେଷ ଉଡ଼ାଣ ସହିତ, ବିମାନଟି କେବଳ ସାହସିକତା ଏବଂ ବୀରତ୍ୱର ଗାଥା ପାଇଁ (ପୃଷ୍ଠା ୭ରେ)



# ପୁଣି ନୂଆ ଶୁଳ୍କ ଘୋଷଣା କଲେ ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ, ୨୬।୯

ପୁଣି ଟ୍ରମ୍ପଙ୍କ ଟାରିଫ୍ ଛାଟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଶୁଳ୍କ ସମ୍ପର୍କିତ ଏକ ବଡ ନିଷ୍ପତ୍ତି ନେଇଛନ୍ତି । ଔଷଧ କ୍ଷେତ୍ର ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଔଷଧଗୁଡିକରେ ଏବେ ୧୦୦ପ୍ରତିଶତ ଶୁଳ୍କ ଲାଗୁ ହେବ । ଏନେଇ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବନ୍ୟା ବିପ୍ଳାତ ଅଶଙ୍କା ବଢଇ
ଲଗାଣ ବର୍ଷା ଯେ ହେବ
ପାଣିପାଗ ପୁରା ବିଗିଡିକି ଅଛି
ହଇରାଣ ଯେ କରିବ
ଏଇ ଦୁଃଖ କେବେ ଯିବ
ପ୍ରତିବରଷ ପୂଜା ଉତ୍ସବରେ
ଆସିବ କୁଆଡେ ଥିବ।

# ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ, ୧୬ ଲକ୍ଷ କୋଟି ହରାଇଲେ ନିବେଶକ




ମୁମ୍ବାଇ, ୨୬।୯

ଭାରତ ବିରୋଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ଯୋଗୁଁ ଭାରତୀୟ ଶିଳ୍ପ ଜଗତରେ ଆତଙ୍କ ଖେଳିଯାଇଛି । ଏହାର ପ୍ରଭାବ ଷ୍ଟକ ବଜାର ଉପରେ ମଧ୍ୟ ପଡ଼ିଛି । ଗୁରୁବାର ଆମେରିକା ସରକାର ବିଦେଶୀ ଔଷଧ ଉପରେ ୧୦୦% ଟାରିଫ ଲଗାଇବା ପରେ ଶୁକ୍ରବାର ତାହାର ପ୍ରଭାବରେ ଭାରତୀୟ ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି । କ୍ରମାଗତଭାବେ ଗତ ୬ ଦିନ ଧରି ସେନସେକ୍ସ ଓ ନିଫଟିରେ ହ୍ରାସ ପରିଲକ୍ଷିତ ହୋଇଚାଲିଛି। ଶୁକ୍ରବାର ବନ୍ଦ ହେବା ସମୟରେ, ସେନସେକ୍ସ ୭୩୩.୨୨ ପଏଣ୍ଟ କିମ୍ବା ୦.୯୦ ପ୍ରତିଶତ ହ୍ରାସ ପାଇ ୮୦,୪୨୬.୪୬ ରେ ଏବଂ ନିଫ୍ଟି ୨୩୬.୧୫ ପଏଣ୍ଟ କିମ୍ବା ୦.୯୫ ପ୍ରତିଶତ ହ୍ରାସ ପାଇ ୨୪,୬୫୪.୭୦ ରେ ରହିଥିଲା। କ୍ରମାଗତ ହ୍ରାସ ଫଳରେ ଗତ ଏକ ସପ୍ତାହ ମଧ୍ୟରେ ନିବେଶକମାନେ ୧୬.୨୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି ।

ଗତ ସପ୍ତାହରେ ଟ୍ରମ୍ପ ପ୍ରଶାସନ ଏଚ-୧ବି ଭିସା ଉପରେ ଅତିରିକ୍ତ ଫି ବସାଇଥିଲା। ଏହାର ପ୍ରଭାବରେ ଆଇଟି ସେୟାର ଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଥିଲା। ସେହିପରି ଗୁରୁବାର (ପୃଷ୍ଠା ୭ରେ)

# ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରୀ

ଭୁବନେଶ୍ୱର, ୨୬।୯
ନ୍ୟୁଜ୍ ବ୍ୟୁରୋ

ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଖୋଲା ଯାଇଛି। ଜଳଭଣ୍ଡାରରୁ ଏବେ ୫.୭୮ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଆଶା କରାଯାଉଛି ଯେ, ଆଉ ଜଳସ୍ତର ବଢ଼ିବ ନାହିଁ। ଲଘୁଚାପ ଯୋଗୁଁ ପାଣିପାଗ ବିଭାଗ କୋରାପୁଟ, ମାଲକାନାଗିରି, କଳାହାଣ୍ଡି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରିଛି। କିଛି ଜିଲ୍ଲାରେ ଆରେଞ୍ଜ ୱାର୍ଣିଂ ଜାରି କରାଯାଇଛି।



ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସ୍ପଷ୍ଟଚିହ୍ନିତ ଲଘୁଚାପ ସୃଷ୍ଟି ହୋଇଛି ।କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସ୍ପଷ୍ଟଚିହ୍ନିତ ଲଘୁଚାପ ଆଗାମୀ ୧୨ ଘଣ୍ଟାରେ ଅବପାତର ରୂପ ନେବ। ଶନିବାର ସକାଳେ ଏହା ସ୍ଥଳଭାଗ ଅତିକ୍ରମ କରି ଏବଂ ଏହାର ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା (ପୃଷ୍ଠା ୭ରେ)

ପ୍ରସଙ୍ଗତଃ
31 YEARS
ସମ୍ବାଦ କଳିକା

# କଷ୍ଟକର ପରିବାର ଚଳାଇବା

ଭାରତୀୟ ପରିବାରଗୁଡ଼ିକର ଖର୍ଚ୍ଚ ଗତ ତିନି ବର୍ଷରେ ବେଶ୍ ବଢ଼ିଛି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୫ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୫୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହି ଖର୍ଚ୍ଚ ୩ ବର୍ଷରେ ୩୩ ପ୍ରତିଶତ ବଢ଼ିଛି। ଖର୍ଚ୍ଚରେ ସହରାଞ୍ଚଳରେ ବାସ କରୁଥିବା ପରିବାରଗୁଡ଼ିକ ଆଗରେ ଥିଲେ ମଧ୍ୟ ଗ୍ରାମୀଣ ପରିବାରଗୁଡ଼ିକର ଖର୍ଚ୍ଚ ମଧ୍ୟ ବଢୁଥିବା 'ୱାର୍ଲଡ୍‌ପ୍ୟାନେଲ୍ ବାଏ ନ୍ୟୁମରେଟର'ର ରିପୋର୍ଟରୁ ଜଣାପଡ଼ିଛି। ୨୦୨୨ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୪୨ ହଜାର ଟଙ୍କା ଥିଲା। ୨୦୨୫ରେ ତାହା ୫୬ ହଜାରକୁ ବୃଦ୍ଧି ପାଇଛି। ସହରରେ ବାସ କରୁଥିବା ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୨୦୨୨ ଜୁନ୍‌ରେ ୫୨,୭୧୧ ଟଙ୍କା ଥିଲା। ୨୦୨୪ ମାର୍ଚ୍ଚରେ ତାହା ୬୪,୫୮୩ ଟଙ୍କାକୁ ଏବଂ ୨୦୨୫ ମାର୍ଚ୍ଚରେ ୭୩,୫୭୯ ଟଙ୍କାକୁ ବଢ଼ିଛି। ସେରିପରି, ଗ୍ରାମୀଣ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ଯାହା ୨୦୨୨ ଜୁନ୍‌ରେ ୩୬,୧୦୪ ଟଙ୍କା ଥିଲା ତାହା ୨୦୨୫ ମାର୍ଚ୍ଚ ସୁଦ୍ଧା ୪୬,୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଦେଶର ୬୦୦୦ ପରିବାର, ଗୃହିଣୀମାନଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ସ୍ୱଳ୍ପ ଆୟରେ ପରିବାର ଚଳାଇବା କଷ୍ଟକର ହେଉଥିବା ଅଧିକାଂଶ ଲୋକ କହିଛନ୍ତି।



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୩୭

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୫୩. ଦେବତା ଓ ସେମାନଙ୍କ ଭାଇମାନଙ୍କ ଜାତି

ଆମ୍ ସନାତନ ଧର୍ମର ତ୍ରିଦେବ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ତଥା ଭଗବାନଭାବେ ମାନ୍ୟତା ପ୍ରାପ୍ତ ବିଷ୍ଣୁଙ୍କ ବିଭିନ୍ନ ଅବତାରମାନେ ବାସ୍ତବରେ କୌଣସି ଜାତିର ନ ଥିଲେ ବୋଲି ଆମ୍ଭ ମତବାଦ ବିଭିନ୍ନ ପ୍ରଶ୍ନ ପଚାରି ମୁଁ ଓ ସୁହାସିନୀ ଉପସ୍ଥାପନ କରିବା ପରେ ଅନ୍ୟ ଏକ ବିଷୟକୁ ପ୍ରବେଶ କରି ସଖୀ ସୁହାସିନୀ ପଣ୍ଡିତ ଦ୍ୱୟଙ୍କୁ ବଖାଣିଲା, "ହେ ମହାମାନ୍ୟ ଗୁରୁଶ୍ରେଷ୍ଠ, ବର୍ତ୍ତମାନ ଆମ୍ଭେ ଦେବତା ଓ ସେମାନଙ୍କ ଭାଇମାନଙ୍କ ଜାତି ବିଷୟରେ କିଛି ଉକ୍ତି ତୁମ୍ଭମାନଙ୍କ ସମ୍ମୁଖରେ ସ୍ଥାନିତ କରୁଅଛୁ। ସମସ୍ତେ ଜାଣନ୍ତି ସ୍ୱର୍ଗରେ ବାସ କରୁଥିବା ଦେବତାମାନେ ଭଗବାନଙ୍କ ପରି ପୂଜ୍ୟ ହେଲେ ମଧ୍ୟ ପ୍ରକୃତରେ ସେମାନେ ଭଗବାନ ନୁହନ୍ତି। ସେମାନେ ଜଗତର ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେତୁ ସେମାନେ ସଂସାରରେ ପୂଜା ପାଇଥାନ୍ତି। କେହି କେହି ସେମାନେ ଏଥିଯୋଗୁଁ ବ୍ରାହ୍ମଣ ଜାତିର ବୋଲି ମନେ କରୁଥିଲେ ମଧ୍ୟ କେଉଁଠାରେ ଏହା ସ୍ପଷ୍ଟ ନୁହେଁ ଯେ ସେମାନେ ବ୍ରାହ୍ମଣ ବୋଲି। ସେମାନଙ୍କ ଜନ୍ମ କିପରି ହେଲା ଜାଣିଲେ ଏହା ସୁସ୍ପଷ୍ଟ ହେବ।

ମରିଚ ଋଷିଙ୍କ ସନ୍ତାନଥିଲେ ମହାମୁନି କଶ୍ୟପ। ତାଙ୍କର କର୍ମଯୋଗୁଁ ସେ ବ୍ରାହ୍ମଣଭାବେ ପରିଗଣିତ ହୋଇପାରିଥିବା ଯୁକ୍ତିଯୁକ୍ତ ଅଟେ। ଭଗବାନ ବ୍ରହ୍ମାଙ୍କ ମାନସ ସନ୍ତାନ ହେଉଛନ୍ତି ଦକ୍ଷ ପ୍ରଜାପତି ଯେ କି ଜଣେ ବିଶାଳ ରାଜ୍ୟର ରାଜା ଥିଲେ। ତେଣୁ ନିଜର ବୃତ୍ତି ଯୋଗୁଁ ସେ ବ୍ରହ୍ମାଙ୍କ ପୁତ୍ର ହେଲେ ମଧ୍ୟ କ୍ଷତ୍ରୀୟ ଭାବେ ପରିଚିତ ଥିଲେ। ତାଙ୍କର ଅନେକ କନ୍ୟା ଥିଲେ ଓ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସେ କଶ୍ୟପ ମୁନିଙ୍କ ସହ ବିବାହ କରାଇଥିଲେ। ଏ କନ୍ୟାମାନଙ୍କ ସଂଖ୍ୟା ବିଭିନ୍ନ ଶାସ୍ତ୍ରରେ ଭିନ୍ନ ଭିନ୍ନ ଲେଖାଥିବାରୁ ମୁଁ କେବଳ 'କେତେକ' ଶବ୍ଦ ଏଠାରେ ବ୍ୟବହାର କରୁଅଛି। ଆମ୍ଭେ ତୁମ୍ଭମାନଙ୍କ ଆଗରେ କେବଳ ଚାରୋଟି କନ୍ୟାଙ୍କ ସନ୍ତାନମାନଙ୍କ ବିଷୟରେ ଏଠାରେ କିଛି କହୁଅଛୁ।" ଏହା କହି ସୁହାସୀ ମୋତେ କହିବାକୁ ଇଂଗିତ କରିଦେଲା।

ମୁଁ ତେଣୁ ଆରମ୍ଭ କଲି । "ହେ ଗୁରୁ ମହାଶୟ, କଶ୍ୟପ ମୁନିଙ୍କ ଦ୍ୱିତୀୟ ପତ୍ନୀ ତଥା ସମ୍ରାଟ ଦକ୍ଷ ପ୍ରଜାପତିଙ୍କ ଦ୍ୱିତୀୟ କନ୍ୟା ଅଦିତି ଜଣେ ଉତ୍ତମ ସ୍ୱଭାବର ସୁଶୀଳା ନାରୀ ଥିଲେ। ତେଣୁ ତାଙ୍କଠାରୁ ଉତ୍ତମ ସ୍ୱଭାବର ଅନେକ ପୁତ୍ର ଜନ୍ମଲାଭ କଲେ। ଅଦିତିଙ୍କ ପୁତ୍ର ଥିବାରୁ ସେମାନେ ଆଦିତ୍ୟ ଭାବେ ପରିଚିତ ହେଲେ। ସେମାନେ ମଧ୍ୟ ସୁର, ଦେବ ବା ଦେବତାଭାବେ ସମାଜରେ ଆସନ ପାଇଲେ। ଏହି ଦେବତାମାନଙ୍କ ପିତା ବ୍ରାହ୍ମଣ ଓ ମାତା କ୍ଷତ୍ରୀୟା ଥିଲେ। ତେଣୁ ସେମାନେ ପ୍ରକୃତରେ କେଉଁ ଜାତିର ଥିଲେ ? ଦେବତାଙ୍କ ରାଜା ଥିଲେ ଇନ୍ଦ୍ର ଓ ଅନ୍ୟ ଭ୍ରାତା ଯଥା ପବନ, ବରୁଣ, ଅଗ୍ନି ଆଦି ନିଜ ନିଜ କର୍ମରେ ଜଗତର କଲ୍ୟାଣ ସାଧନ କରୁଥିଲେ। ସେମାନଙ୍କ କର୍ମ ଆଧାରରେ ସେମାନେ କେଉଁ କେଉଁ ଜାତିର ବୋଲି ବିଦିତ ନ ଥିଲେ। କେବଳ ସେମାନଙ୍କୁ ଦେବତା ଆଦି ବୋଲି କୁହାଯାଉଥିଲା। ତେଣୁ ଏହି ସ୍ଥିତିର ଜାତି ପ୍ରଥା କେଉଁଠି ପାଳନ ହେଉଥିଲା ?"

ତା'ପରେ ଅଗ୍ରସର ହୋଇ ସୁହାସିନୀ ବୋଲିଲା, "ହେ ମହାମାନ୍ୟମାନେ, ମୁଁ ବର୍ତ୍ତମାନ ଦକ୍ଷଙ୍କ ପ୍ରଥମ କନ୍ୟା ଦିତିଙ୍କ ପୁତ୍ରମାନଙ୍କ ବିଷୟରେ କହୁଛି। ଦିତି ଉଗ୍ର ପ୍ରକୃତିର ଥିଲେ। ତେଣୁ କଶ୍ୟପଙ୍କଠାରୁ ସେ ଯେଉଁ ଅନେକ ପୁତ୍ର ଲାଭ କଲେ ସେମାନେ ମଧ୍ୟ ସେହିପରି ଉଗ୍ର ପ୍ରକୃତିର ଥିଲେ। ତେଣୁ ସେମାନଙ୍କୁ ଅସୁର ବୋଲି ବିବେଚନା କରାଗଲା। ଅସୁର ଅର୍ଥାତ ଯେ ସୁର (ଦେବତା) ନୁହେଁ। ତେଣୁ ପ୍ରକୃତରେ 'ଅସୁର' କୌଣସି ଖଳ ବ୍ୟକ୍ତି ନୁହେଁ। କିନ୍ତୁ ପରେ ଏହି ସୁର ଓ ଅସୁର ଦୁଇ ଭାତୃବର୍ଗଙ୍କ କ୍ଷମତା ପାଇଁ ଯୁଦ୍ଧ ଯୋଗୁଁ ଅସୁରମାନଙ୍କୁ ମନ୍ଦ ପ୍ରକୃତିର ବର୍ଗ ବୋଲି ବିବେଚନା କରାଗଲା। ଏହି ପରିପ୍ରେକ୍ଷୀରେ ମୁଁ ପ୍ରଶ୍ନ କରୁଛି ଯେ ଏହି ଦୁଇବର୍ଗ ଏକ ବ୍ରାହ୍ମଣ ପିତାଙ୍କଠାରୁ ଜନ୍ମ ଓ ଏମାନଙ୍କ ଦୁଇମାତା ହେଉଛନ୍ତି କ୍ଷତ୍ରୀୟା ଓ ନିଜ ଦୁଇ ଭଉଣୀ। ତେଣୁ ସୁର ଓ ଅସୁର ମଧ୍ୟରେ ଏକ ରକ୍ତ ପ୍ରବାହମାନ ହେଉଥିଲା। କିନ୍ତୁ ଏମାନେ ଏପରି ଦୁଇ ସଂପୂର୍ଣ୍ଣ ଅଲଗା ଗୋଷ୍ଠୀର ହେଲେ। ଏହା ତ ଜନ୍ମଗତ ନ ଥିଲା। ଜାତି ଜନ୍ମଗତ ହୋଇଥିଲେ ଉଭୟ ବର୍ଗ ଏକ ଜାତିର ହୋଇଥାନ୍ତେ। ତେଣୁ ସେ ବିଷୟରେ ମାନବର ପ୍ରକୃତ ପରିଚୟ ଥିଲା ତା'ର କର୍ମ, କଦାପି ଜନ୍ମ ନୁହେଁ।"

ସଖୀ କହିବା ପରେ ମୁଁ ଦମ୍ଭର ସହ କହିଲି । "ହେ ମହାଭାଗ, ମୁଁ ତ ମୋ ସଖୀ ଏ ଦୁଇ ମାତାଙ୍କ କଥା କହିଲା ପରେ ମୁଁ ଆଉ ଦୁଇ ମାତାଙ୍କ ବିଷୟରେ କହୁଅଛି। ସେମାନେଥିଲେ କଦ୍ରୁ ଓ ବିନତା। ମହାମୁନି କଶ୍ୟପ ପତ୍ନୀ କଦ୍ରୁ ଯେଉଁ ପୁତ୍ରମାନଙ୍କୁ ଜନ୍ମ ଦେଲେ ସେମାନେ ସର୍ପ ବୋଲି ପୁରାଣମାନଙ୍କରେ ଲିଖିତ ଅଛି। ପ୍ରକୃତରେ ସେମାନେ ସର୍ପ ସ୍ୱଭାବର ମନୁଷ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମଧ୍ୟ ଯୋଦ୍ଧା, ରାଜା ଆଦି ଥିଲେ। ସେମାନେ ମଧ୍ୟ ଅନ୍ୟ ମାନବମାନଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ। ତେଣୁ ସେମାନଙ୍କୁ ନାଗବଂଶୀ, ନାଗଗୋତ୍ରୀୟ, ସର୍ପ ଜାତୀୟ ମାନବ କୁହାଯାଇପାରେ। ସେମାନଙ୍କ କର୍ମ ସାଧାରଣ ମାନବ ସଦୃଶ ଥିଲା।

ଏହାପରେ ମୁଁ ଅନ୍ୟ ମାତା ବିନତାଙ୍କ ବିଷୟ କହୁଅଛି। ତାଙ୍କଠାରୁ ଯେଉଁ ପୁତ୍ର ଜନ୍ମ ଲାଭ କଲେ ସେ ଗରୁଡ, ଅରୁଣ ଆଦି ଭାବରେ ଖ୍ୟାତି ଲାଭ କଲେ। ସେମାନେ ପକ୍ଷୀ ବା ପକ୍ଷୀ ଜାତୀୟ ବୋଲି ପୁରାଣମାନଙ୍କରେ ସ୍ଥାନିତ ହୋଇଛନ୍ତି। କିନ୍ତୁ ସେମାନଙ୍କ ମାତା ବିନତାଙ୍କର ନିଜ ଭଗ୍ନୀ କଦ୍ରୁଙ୍କ ସହ ଭୀଷଣ ଶତ୍ରୁତା ଥିଲା। ମାତାଦ୍ୱୟ, ଯଥା କଦ୍ରୁ ଓ ବିନତା, ଦୁଇ ନିଜ ଭଗ୍ନୀ ହୋଇଥିଲେ ମଧ୍ୟ ସେମାନେ ପରସ୍ପରର ଅଶୁଭ ଚିନ୍ତକ ଥିଲେ ଓ କଳହରତ ରହୁଥିଲେ। ସେହି ଭାବ ମଧ୍ୟ ଏହି ସର୍ପ ଓ ଗରୁଡଙ୍କ ମଧ୍ୟରେ ରହିଲା। ଆମ୍ଭେମାନେ ତ ଜାଣି ନାହୁଁ ଏହି ଦୁଇ ଗୋଷ୍ଠୀର ପୁତ୍ର କେଉଁ ଜାତିର ଥିଲେ ବୋଲି। ଅତଃ ମାତା ଦିତି, ଅଦିତି, କଦ୍ରୁ ଓ ବିନତା ନିଜ ନିଜର ଚାରି ଭଗିନୀ ଥିଲେ ଓ ସେମାନଙ୍କ ପତି ମଧ୍ୟ ଏକ। ତେବେ ସେମାନଙ୍କ ସନ୍ତାନ ମଧ୍ୟ ଏକ ଜାତିର ହେବା କଥା। କିନ୍ତୁ ସେମାନଙ୍କ ଏହି ଯେଉଁ ଭିନ୍ନ ପରିଚୟ କାହିଁକି ହେଲା ?"

ଶେଷରେ ମୋ ସହ ସୁହାସିନୀ ଯୋଗ ଦେଲା ଓ ଆମ୍ଭେ କହିଲୁ, "ହେ ଗୁରୁଶ୍ରେଷ୍ଠ, ଆମ୍ଭର ପରିବେଷିତ ଏହିସବୁ ପୌରାଣିକ ତଥ୍ୟାବଳୀ ସ୍ପଷ୍ଟ କରି ଦେଉଛି ଯେ କଶ୍ୟପ ଋଷିଙ୍କଠାରୁ ଜଗତରେ ମାନବ ସୃଷ୍ଟି ହୋଇ ଥିଲା। ଏହା ସୃଷ୍ଟିର ପ୍ରାରମ୍ଭ ପର ସମୟ ଥିଲା ଓ ଏ ସମୟରେ ଆମ୍ଭର ବର୍ତ୍ତମାନ ରହିଥିବା କଠୋର ଜାତି ପ୍ରଥା ନ ଥିଲା। ତେଣୁ ବିବାହ କରିବାକୁ ହେଲେ ନିଜ ଜାତିର ବର ବା କନ୍ୟା ଚୟନ କରିବା କେବେ ହେଲେ ବାଧ୍ୟତାମୂଳକ ନଥିଲା। ଏହାପରେ ଆଉ କିଛି ବିଷୟରେ ଆମ୍ଭେ କହିବାକୁ ଯାଉଛୁ।" (କ୍ରମଶଃ)



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ମହାନ୍ ବିପ୍ଳବୀ-ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆବିର୍ଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୁଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରହିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା' କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହସିକତା ଓ ବିପଦବେଳେ ଧୈର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।



ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ୱନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ୱ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

# ରାଜନୀତିରେ ପୋସ୍ ଆଇନକୁ ନା

କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ନିବାରଣ, ନିରାକରଣ ଓ ପ୍ରତିକାର ଆଇନ ୨୦୧୩ (ପୋସ୍) ଆଇନ ରାଜନୈତିକ ଦଳମାନଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ ବୋଲି ଗଲା ୧୫ତାରିଖ ଦିନ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଯଥାର୍ଥ ବୋଲି କୁହାଯାଇପାରିବ। ମହିଳା ନିର୍ଯାତନା ନେଇ ରାଜନୈତିକ ଦଳମାନଙ୍କୁ ପୋସ ଆଇନ ପରିସର ଭୁକ୍ତ କରାନଯିବା ନେଇ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର. ଗଭାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଯେଉଁ କାରଣ ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ, ସର୍ବୋଚ୍ଚ ଅଦାଲତ ଦର୍ଶାଇଛନ୍ତି ଯେ, ରାଜନୈତିକ ଦଳମାନଙ୍କୁ କାର୍ଯ୍ୟକ୍ଷେତ୍ର ସହ ତୁଳନା କରାଯାଇପାରିବ ନାହିଁ। ଗୋଟିଏ ରାଜନୈତିକ ଦଳ ହେଉଛି ବ୍ୟକ୍ତିବିଶେଷଙ୍କ ଏକ ସ୍ୱେଚ୍ଛାସେବୀ ସଂଗଠନ। କେତେକ ନିର୍ଦ୍ଦିଷ୍ଟ ଆସ୍ଥା, ବିଶ୍ୱାସ, ଆଦର୍ଶ ଓ ଲକ୍ଷ୍ୟକୁ ଆଧାରରେ ସେମାନେ ଗୋଟିଏ ମଂଚରେ ଏକ ସାଧାରଣ ଦୃଷ୍ଟି ନେଇ ଏକତ୍ରିତ ହୋଇଥାନ୍ତି। ରାଜନୈତିକ ଦଳଗୁଡିକରେ କାର୍ଯ୍ୟ କରୁଥିବା ଏହାର କର୍ମୀ ଓ ସଦସ୍ୟମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ନିଯୁକ୍ତିଦାତା ନଥିବାରୁ ତାହାକୁ ନିଯୁକ୍ତିଦାତା ଓ କର୍ମଚାରୀ ସଂବନ୍ଧ ଉପରେ ପର୍ଯ୍ୟବେସିତ ଏକ ପେଷାଦାର ଅନୁଷ୍ଠାନ ରୂପେ ଅଭିହିତ କରାଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ଆଇନଗତ ଭାବେ ପ୍ରବର୍ତନକ୍ଷମ ବେତନ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଏବଂ ବହୁ ଚାକିରି ସର୍ତାବଳୀ ରହିଛି। ମାତ୍ର ରାଜନୈତିକ ଦଳରେ ଏସବୁ ନିୟମ ଓ ସର୍ତବଳୀ ନାହିଁ, ଯାହାକି କାର୍ଯ୍ୟକ୍ଷେତ୍ରରେ ରହିଛି। ରାଜନୀତି ହେଉଛି ସ୍ୱେଚ୍ଛାସେବୀ କର୍ମ, ଯାହାକି ଜନସାଧାରଣ ସେବା ପାଇଁ ଏକ ନୈତିକ ଆହ୍ୱାନ। ସେହିପରି ରାଜନୈତିକ ଦଳର କର୍ମୀ ଓ ସଦସ୍ୟଙ୍କ ପାଇଁ କୌଣସି ବେତନ ବା ମଜୁରି ନଥିବା ସତ୍ୱେ ସେମାନଙ୍କର ସେବା ଲାଭଜନକ ପଦପଦବୀ ଅନ୍ତର୍ଭୁକ୍ତ। ସେହିପରି ଅଦାଲତଙ୍କ ଦ୍ୱିତୀୟ ପର୍ଯ୍ୟବେକ୍ଷଣ ହେଉଛି, ରାଜନୀତିକୁ ପୋସ ଆଇନ ପରିସରଭୁକ୍ତ କରାଗଲେ ଅବିଳମ୍ୱେ ଗୋଟିଏ 'ପାଣ୍ଡୋରାର ବାକସ୍' ଖୋଲିଯିବ ଏବଂ ଆଇନଟି ରାଜନୈତିକ ବ୍ଲାକ ମେଲିଂର ଅସ୍ତ୍ରରେ ପରିଣତ ହୋଇଯିବ। ତେବେ ରାଜନୀତି କ୍ଷେତ୍ରରେ ଯୌନ ଶୋଷଣ ରୋକିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ମୁଖ୍ୟ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପ୍ରତି ଯୌନ ଶୋଷଣର ନିରାକରଣ, ପ୍ରତିକାର ଓ ନିବାରଣ ପାଇଁ ୧୯୯୭ ମସିହାର ବିଶାଖା ନିୟମାବଳୀ ଆଧାରରେ ୨୦୧୩ ମସିହାରେ ପୋସ ଆଇନ ପ୍ରଣୟନ ହୋଇଛି। ଯେକୌଣସି କାର୍ଯ୍ୟକ୍ଷେତ୍ରରେ ଅତିକମରେ ୧୦ଜଣ କର୍ମଚାରୀ ଥିଲେ, ସେଠାରେ ପୋସ' ଆଇନ ବାଧ୍ୟତାମୂଳକ। ଯୌନ ନିର୍ଯ୍ୟାତନା ଅଭିଯୋଗ ଉପରେ ଜଣେ ମହିଳାଙ୍କ ନେତୃତ୍ୱରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ଗଠନ ବାଧ୍ୟତାମୂଳକ ରହିଛି। ଯେଉଁ କମିଟି ମହିଳା କର୍ମୀଙ୍କ ଯୌନ ନିର୍ଯ୍ୟାତନା ଅଭିଯୋଗ ଉପରେ ପ୍ରାଥମିକ ସ୍ତରରେ ତଦନ୍ତ କରି କର୍ତୁପକ୍ଷଙ୍କୁ ରିପୋର୍ଟ ଦେଇଥାଏ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତୀୟ ରାଜନୀତି କ୍ଷେତ୍ରରେ ତଳସ୍ତରରୁ ଉପରସ୍ତରେ ପର୍ଯ୍ୟନ୍ତ କାର୍ଯ୍ୟରତ ମହିଳା ନିୟମିତ ଯୌନ ଶୋଷଣ ଅଭିଯୋଗ ଅତି ଲମ୍ୱା। ଜାତିସଂଘ ଦ୍ୱାରା ପ୍ରସ୍ତୁତ ଏକ ଅନୁଧ୍ୟାନମୂଳକ ରିପୋର୍ଟ ଅନୁସାରେ ଭାରତୀୟ ରାଜନୀତି କ୍ଷେତ୍ରରେ କାର୍ଯ୍ୟରତ ୫୦ ପ୍ରତିଶତ ମହିଳା ବାଚନିକ ଓ ୪୬ ପ୍ରତିଶତ ମହିଳା ଶାରୀରିକ ଭାବେ ଯୌନ ଉତ୍ପୀଡନର ଶିକାର ହୋଇଥାନ୍ତି। ଯେଉଁଥିରେ ୫୮ପ୍ରତିଶତ ଉତ୍ପୀଡକ ହୋଇଥାନ୍ତି ପୁରୁଷ ସହକର୍ମୀ। କର୍ଣ୍ଣାଟକର ସର୍ବାଧିକ ରାଜନୈତିକ ପରିବାର ଭାବେ ପରିଚିତ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେବଣା ହେଉଛନ୍ତି ଏଭଳି ଉତ୍ପୀଡନର ଜ୍ୱଳନ୍ତ ଉଦାହରଣ। ନିଜ ପ୍ରଭାବ ବଳରେ ସେ ହଜାର ହଜାର ମହିଳାଙ୍କୁ ଯୌନ ଶୋଷଣ କରିଥିବା ଅଭିଯୋଗରେ ଏକ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ରାଜନୀତି କ୍ଷେତ୍ରରେ ମହିଳା କର୍ମୀଙ୍କୁ ଯୌନ ନିର୍ଯ୍ୟାତନାରୁ ନିବାରଣ ପାଇଁ ଦଳ ଭିତରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସହ ଅନ୍ୟ ସମସ୍ତ ବ୍ୟବସ୍ଥା ରହିବା ଆବଶ୍ୟକ ତେବେ ଏହା ନିଶ୍ଚିତ ଯେ, ସଂସଦ, ବିଧାନସଭା ଏବଂ ସମସ୍ତ ଲୋକପ୍ରତିନିଧି ସଂସ୍ଥାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଏବଂ ରାଜନୀତିରେ ଅଧିକରୁ ଅଧିକ ମହିଳାଙ୍କ ପ୍ରବେଶ ଯୌନ ଶୋଷଣ ଭଳି ଅପରାଧକୁ ରୋକିପାରିବ ବୋଲି ବିଶ୍ୱାସ କରାଯାଏ। ଏହା ନିଶ୍ଚିତ ଯେ, କର୍ମକ୍ଷେତ୍ର ହେଉ ବା ରାଜନୈତିକ କ୍ଷେତ୍ର ହେଉ ମହିଳା ଯୌନ ନିର୍ଯାତନାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଦେବୀ ଧରାକୁ ଆସିବେ ଓହ୍ଲାଇ

*ଅବନୀ କୁମାର ରାଉତ*



ପାର୍ବଣ ଆସିଛି ସହର ପଲ୍ଲୀରେ
ସରାଗରେ ଅନ୍ତରାଳେ
ଶଶୀ ଢ଼ାଳିଦିଏ ସୁସୌମ୍ୟ ଜୋଛନା
ଅମୃତ ମୂର୍ଚ୍ଛନା ଖେଳେ !
ବିସ୍ତୀର୍ଣ୍ଣ ଦୀଗନ୍ତେ ନଈ ପଠା କୂଳେ
କାଶତଣ୍ଡୀ କି ସୁନ୍ଦର
ପ୍ରୀତିର ପାର୍ବଣ ନବ ଉନ୍ମେଷରେ
ଶୁଭ୍ର ହସ ମନୋହର !
ମୃଣ୍ମୟ ମୂର୍ତ୍ତିକୁ ଓଁ କାର ଧ୍ୱନୀରେ
ଶକ୍ତି ପୀଠ ତୃପ୍ତି ମିଳେ
ଜିଜ୍ଞାସୁ ଉତ୍କଣ୍ଠା ମନେ ଉଙ୍କି ମାରେ
ଚେତନା ହୃଦୟ ଖେଳେ !
ଦେବୀ ଦଶ ଭୂଜା ସଂହାର ପାଳକ
ଅଗ୍ନି ପରି ସୌମ୍ୟ କାନ୍ତି
ମାତ ତୁମ୍ଭ ବିନା ଏହି ଭୂବନରେ
କାହିଁ ଆତ୍ମ ସ୍ଥିତି ଶାନ୍ତି !
ମେଘ ମହ୍ଲାରରେ ପ୍ରେମ ଭରା ପୃଥ୍ୱୀ
ସିନ୍ଧୁ ମତୁଆଲା ହୁଏ
ଦେବୀଙ୍କର ପାଶେ ଶୁଦ୍ଧ ଆତ୍ମା ଚିତ୍ତ
ନୟନ ଝଲସି ଯାଏ !
ମହିଁଷା ଅସୁର ଶକ୍ତିର ସଂହାର
ଆବିର୍ଭାବ ସତେ ଏହି
ଶିଶିର ଟୋପାକୁ ଚନ୍ଦ୍ର ଛାୟା ତଳେ
ଦେବୀ ଆସିବେ ଓହ୍ଲାଇ ।

*ମା' ବିରଜା କ୍ଷେତ୍ର*

## ଦଶହରା

*ଦୀପିକା ହୋତା*

ନାରାୟଣୀ ମହାମାୟୀ ଗୋ ମାଁ
ତୁମେ ତ ସର୍ବମଙ୍ଗଳା
ବିପଦ ଆପଦେ ସାହା ହେଉ ମାଁ
ତୁମେ ତ ବିମଳା ।

ମନ କେତେ ତୋର ଉଜାଗର
ଛତ୍ର ତଳେ ଢାଙ୍କି ରଖୁଥାଉ
ଦୁଃଖ ସମୟେ ମାଆ ମାଆ ଡାକି ଦେଲେ
ଦୁଃଖ ମୋର ଶୁଣୁଥାଉ ।।

ଧର୍ମର ଜୟ ପାଇଁ ମହିଷାମର୍ଦ୍ଦିନୀ ରୂପେ
ଅସୁରକୁ ବିନାଶିଲୁ
ପିଶାଚର ଛାତି ଚିରି ରକ୍ତ ଶୋଷି
ବିଶ୍ୱକୁ ଶାନ୍ତିର ମନ୍ତ୍ର ଦେଲୁ ।।

କାଶତଣ୍ଡୀ ମେଳେ ଧବଳବର୍ଣ୍ଣେ
ଧବଳମୁଖୀ ବେଶ ନେଉ
ଶକ୍ତି ସ୍ୱରୂପା ସମଲେଇ ମାଁ ଗୋ
ଧୂପଦୀପ, ବନ୍ଦାପନା ପାଉ ।।

ତୋହରି କୃପାରୁ ଅନ୍ଧ ଫେରିପାଏ
ତାହାରି ଉଜ୍ଜ୍ୱଳ ନୟନ
ନିସନ୍ତାନ ଆରାଧନେ ଦିବାନିଶି
ଲାଭକରେ ପୁତ୍ର ସନ୍ତାନ ।।

ସଜାଇ ରଖିଛି ପିନ୍ଧେଇ ଦେବି ଗୋ
ମନ୍ଦାର ଦହନା ମାଳ
ଗାଉଥିବି ତୋର ଗୁଣ ଗାରିମା ଗୋ
ଭରିଦେଉଥିବୁ ଦେହେ ବଳ ।।

*ନୂଆପଡା*
*ମୋ-୯୯୩୭୪୧୬୯୧୭*

## ଜଗଜ୍ଜନନୀ ମା'

*ପ୍ରଣୀତା ମିଶ୍ର*



ଆକାଶରୁ କଳାମେଘ ହଟିଲାଣି
ନୀଳ ଧଳା ରଙ୍ଗ ଶୋଭିଲାଣି
କାଶତଣ୍ଡୀ ପଠାପରେ ସାଜିଲାଣି
ଚତୁର୍ଦ୍ଦିଗ ମହମହ ବାସିଲାଣି
ପାର୍ବଣ ଋତୁଟା ସତେ କିବା
ଆସିଲାଣି ! !

ପାହାନ୍ତି ପ୍ରହରେ ଗଙ୍ଗଶିଉଳି ଫୁଟିଲାଣି
ଲାଲ ଧଳା ରଙ୍ଗରେ ଘଡ଼ିଏ
କେତେ ମନ ମୋହିଲାଣି
ସକାଳ ସୂରୁଜେ ଦେଖ ଝଡି ପଡି
ବୃକ୍ଷ ମୂଳେ ଲୋଟିଲାଣି ! !

ପୂଜା ମଣ୍ଡପରେ ମୂର୍ତ୍ତିପରେ
ମାଟି ଚଢିଲାଣି
ହାତର ଯାଦୁକରୀ ସ୍ପର୍ଶେ
କାରିଗର ମାଁଙ୍କର ରୂପ ଗଢିଲାଣି
ମନ ମଧ୍ୟେ ସପନରେ
କମନୀୟ ଛବି ଆଙ୍କିଲାଣି
ଜଗଜ୍ଜନନୀଙ୍କ ଆବାହନୀ ପାଇଁ
ପୁରପଲ୍ଲୀ ସଜାଇ ହେଲାଣି ।

ସୁଉଚ୍ଚ ତୋରଣ ଅଟ୍ଟାଳିକା ପ୍ରାୟ
ମୁଣ୍ଡ ଟେକି ଉଠିଲେଣି
ମା'ଙ୍କ ସ୍ୱାଗତ ପାଇଁ ସରବେ
ସଜାଗ ହେଲେଣି
ଫିସନ ପରି ବାଜା ରୋଶଣିରେ
ଗାଇବାକୁ ଆବାହନୀ ।

ତୁ କିନ୍ତୁ ଭୁଲିବୁନି ମା'
ଏ ବାହ୍ୟ ଆଡମ୍ବରରେ ମିଛ ଭକ୍ତିରେ
ତୋର ଧରାବତରଣ ପରା

ପୃଥିବୀର ରକ୍ଷା ପାଇଁ
ମହିଷାସୁର ବିନାଶ ପାଇଁ
ଗୋଟିଏ ନୁହେଁ ଏଠି ତ
ହଜାର ହଜାର ରାକ୍ଷସ ଛଦ୍ମବେଶରେ
ଘରେ ବାହାରେ ରାଜରାସ୍ତାରେ
କରିବାକୁ ହେବ ବିନାଶ
କଥା ଦେ ମା' ଜଗଜ୍ଜନନୀ
ନତ ମସ୍ତକରେ ଗାଉଥିବ ଏ ପୃଥିବୀ
ଯୁଗେ ଯୁଗେ ତୋର ଆବାହନୀ ।

*ଭୁବନେଶ୍ୱର*

## ପାର୍ବଣ ବେଳ ତ ହେଲା

*ନିରଞ୍ଜନ ସାହୁ*

ଷୋଳ ଦିବସୀୟ ଦୁର୍ଗାପୂଜା ସଖୀ
ପୀଠରେ ଆରମ୍ଭ ହେଲା
ଭକତମାନଙ୍କ ଗହଳି ଭିତରେ
ଲାଗିଯିବ ଠେଲାପେଲା ।

ମୂଳାଷ୍ଟମୀ ଠାରୁ ଦଶହରା ଯାଏ
ଶାରଦୀୟ ପୂଜା ହେବ
ସହସ୍ରକୁମ୍ଭାଭିଷେକରୁ ଆରମ୍ଭ
ଶେଷେ ମା' ବିଶ୍ରାମ ନେବ
ଭକତଙ୍କ ଲାଗି ମାଆର ଦୁଆର
ହୋଇଥିବ ପରା ମେଲା ।

ଶକ୍ତିପୀଠ ଚଳଚଞ୍ଚଳ ହୋଇବ
ଇଏତ ପାର୍ବଣ ବେଳ
ନାନା ଶକ୍ତିପୀଠ ଆମେ ବୁଲିଯିବା
ସଖୀଗଣ ହୋଇ ମେଳ
ପୂଜାଛୁଟି ପୁଣି ସହଜେ ମିଳିବ
ମନେ ଖୁସି ଭରିଦେଲା ।

ମାତୃ ଆରାଧନା କରିବା ସକଳେ
ଆମରି ମଙ୍ଗଳ ପାଇଁ
ନିଜକୁ ପ୍ରସ୍ତୁତ କରିନିଅ ସଖୀ
ମାଆ ପୀଠେ ଯିବା ଧାଇଁ
ଯେ ଭକ୍ତି କରିଲା ସେ ଶକ୍ତି ଲଭିଲା
ମା' ତାକୁ କୋଳେଇ ନେଲା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*



## ମା' ଆସିଛନ୍ତି

*ସୁଧାକର ରାଉତ*

ଖିଲି ଖିଲି ହୋଇ ହସୁଛି ପ୍ରକୃତି
ଦେହେ ସବୁଜିମା ଭରି
ପୁର ପଲ୍ଲୀ ସବୁ ହସନ୍ତି ଆନନ୍ଦେ
ନୂଆ ଆଶା କେତେ ଧରି ।
କାଶତଣ୍ଡୀ ପିନ୍ଧି ଧବଳ ବସନ
ଗାଏ ଆଗମନୀ ଗୀତ
ସରସୀରେ କଇଁ ପଦ୍ମ ଫୁଲ ଫୁଟି
ଉଡ଼ାନ୍ତି ଶୋଭାର ନେତ ।
ମାଆଙ୍କର ବିଜେ ସ୍ଥଳୀ ହୋଇଅଛି
ନାନାଦି ରଙ୍ଗରେ ସଜା ।
ଦୁର୍ଗତିନାଶିନୀ ଷୋଡଶୋପଚାରେ
ପାଉଛନ୍ତି ତହିଁ ପୂଜା
ଘଣ୍ଟି ଘଣ୍ଟା ଶଙ୍ଖ ଶବଦ ନାଦରେ
ଉଛୁଳୁଛି ପୂଜା ସ୍ଥାନ
ଭକତି ହୃଦରେ ମାଆଙ୍କୁ ସରବେ
କରୁଛନ୍ତି ପରା ଧ୍ୟାନ ।
ମା' ଦଶଭୁଜାଙ୍କ କରୁଣା ବାରିରୁ
ଟିକିଏ ଲଭିବା ପାଇଁ
ଦୂର ଦୁରାନ୍ତରୁ କେତେ ଆଶା ନେଇ
ଆସିଛନ୍ତି ଲୋକେ ଧାଇଁ ।
ମହା ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ
ହୁଏ ଦଶହରା ପୂଜା
ଆନନ୍ଦ ଉଲ୍ଲାସେ ସଭିଏଁ ମାତିଣ
ନିଅନ୍ତି ତାହାର ମଜା ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଶରତ ହସୁଛି ଆଜି

*ଧ୍ରୁବ ଚରଣ ଘିବେଲା*



ଭୋଦୁଅ ଫେରିଛି ଅଶିଣ ଆସିଛି
ଶରତ ହସୁଛି ଆଜି
ଶରତ ଅଗଣା ଭରା ସବୁଜିମା
ରହିଛି ସ୍ୱଚ୍ଛତା ହେଜି ।

ଗାଆଁ ଚାରିପାଖ ରହିଅଛି କ୍ଷେତ
ମାଡୁଛି ଶାଗୁଆ ଲହଡ଼ି
ଧିର ପବନରେ ଆଗକୁ ଆଗକୁ
ଲହଡ଼ି ଯାଉଛି ମାଡ଼ି ।

ବିଲହିଡ଼ ପରେ ଠିଆ ହୋଇ ଧିରେ
ଚାଷୀ ରହେ କ୍ଷଣେ ଚାହିଁ
ଶାଗୁଆ ଲହଡ଼ି ଯାଏ ମାଡ଼ି ମାଡ଼ି
କେତେ ମଜା ଥାଏ ତହିଁ ।

ଆକାଶର ଭସା ବାଦଲ ଛାଇରେ
ଖରା ଦୁଃଖ ଭୁଲି ଯାଇ
ବାଲୁଙ୍ଗା ବାଛିବା ବେଳେ ଛାଇ ସୁଖ
ହେଜୁଥାଏ ଚାଷୀ ଭାଇ ।

ବାଟରେ ଘାଟରେ ଠିଆ ହୋଇ କାଶ
ଦେଖାଇ ରହିଛି ଠାଣି
ହସି ଦେଉଥାଏ ଧବଳାଙ୍ଗି କାଶ
ବାଟୋଇର ମନ ଜାଣି ।

ଶୁଭୁ ନାହିଁ ଆଉ ବେଙ୍ଗ କେଁ କଟର
ରଡ଼ି ପୁଣି ରହି ରହି
ନୀରବି ଗଲାଣି ଚୁପ ପଡ଼ିଲାଣି
ବେଙ୍ଗର ବି ଦେଖାନାହିଁ ।

ରାସ୍ତାଘାଟେ ନାହିଁ ପାଣିକାଦୁଅର
ଅବିରତ ସୁଅ ଧାର
ଶୁଖିଲା ପଡ଼ିଛି ଗାଆଁ ମାଟି ରାସ୍ତା
ତହିଁରେ ଆସିଛି ସୁଧାର ।

ମାଆଦୁର୍ଗା ଆସିବେ ମରତ ବୁଲିବେ
ଶରତର ଅଗଣାରେ
ପାର୍ବଣ ଋତୁରେ ମାଆ ଉଭା ହେବେ
ଗାଆଁ ପୂଜା ମଣ୍ଡପରେ ।

ପାର୍ବଣ ପାର୍ବଣ ଲାଗିଆସିଲାଣି
ଅଶିଣ ଆସିଲା ପରେ
ମାଆଙ୍କ ସ୍ୱାଗତ ପାଇଁକି ଶରତ
ଡେଙ୍ଗୁରା ଦିଏ ଖୁସିରେ ।

*ବଉଦରାଜ-୭୬୨୦୧୪, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

## 'ଦୁର୍ଗତି ନାଶିନୀ'

*ସତ୍ୟବ୍ରତ ସାହୁ*



ମାଆ ପରି ମାଆଟିଏ ଅଛି ମୋହର
ଦୁର୍ଗତି ନାଶିନୀ ଦୁର୍ଗା ନାମଟି ତାର ।(୦)

ଦେବ ମାନବଙ୍କ ଦୁରିତ ନାଶନେ ଅନଳୁ ହୋଇଲେ ଜାତ
ମହିଷା ବିନାଶୀ ସନ୍ଥଙ୍କୁ ରଖିଲେ ଧର୍ମ ସଂସ୍ଥାପିନୀ ମାତ
ଅକାଳରେ ବୋଧି ତା ଆଶିଷେ ରାମ ଛେଦିଲେ ରାବଣ ଶିର ।
ମାଆ ପରି ମାଆଟିଏ ଅଛି ମୋହର.....(୧)

ଦଶ ହସ୍ତେ ତାର ଦଶ ପ୍ରହରଣ ଦୁଷ୍ଟଙ୍କ ବିନାଶ ପାଇଁ
ସନ୍ତାନ ପାଳିନୀ ଶିଷ୍ଟ ଜନ ପାଇଁ ଯାଏ ଦୟାମୟୀ ହୋଇ
ପୁଣ୍ୟ ଶରତରେ ବିଜେ ମରତରେ ପୂଜିବା ଚରଣ ତାର ।
ମାଆ ପରି ମାଆଟିଏ ଅଛି ମୋହର.....(୨)

ମାଆ ପରି ମାଆଟିଏ ଅଛି ମୋହର
ଦୁର୍ଗତି ନାଶିନୀ ଦୁର୍ଗା ନାମଟି ତାର ।(୦)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର -୭୫୫୦୩୬*
*ମୋ-୮୯୧୭୨୭୩୫୪୫*



## ଅଶିଣ ଆସିଛି ଧରାଧାମକୁ

*ପ୍ରଶାନ୍ତ କୁମାର ନାୟକ*



କାଶତଣ୍ଡୀ ଫୁଲେ ମହି ଦିଶଇ ଧବଳ
ଧରାଧାମ ହୋଇଅଛି ସବୁଜ ଶ୍ୟାମଳ,
ଆସିଛି ଶରତ ଏ ମର୍ତ୍ତ୍ୟ ପୁରରେ
ଦିଶଇ ନିର୍ମଳ ଶୋଭା ଜଗତରେ ।।

ହସଇ ଧରଣୀରାଣୀ ଖିଲିଖିଲି ହସ
ବରଷକେ ଥରେ ମା' ଆସିବେ ବୋଲିତ,
ସିତାଂଶୁର ଶୀତଳ ଜୋଛନାରେ
କାଶତଣ୍ଡୀର ଶୁଭ୍ର ଆଭୂଷଣରେ ।।

ସଜେଇ ହୋଇଛି ପ୍ରକୃତି ରାଣୀ
ସତେ ଅବା ବରଫର ଆସ୍ତରଣରେ,
ପବିତ୍ର ଅଶିଣମାସର ଶୁକ୍ଳପକ୍ଷ ପ୍ରତିପଦାରେ
ନବରାତ୍ରୀ ହୁଏ ଆରମ୍ଭ ଏ ଧରାଧାମରେ ।।



ଚାରିଆଡେ ସାଜସଜ୍ଜା ରଙ୍ଗର ରୋଷଣୀ
ଓହ୍ଲାଅ ମର୍ତ୍ତ୍ୟକୁ ମା'ଗୋ ସିଂହବାହିନୀ,
ମହାମାୟା ବିଶ୍ୱରୂପା ମହିଷାମର୍ଦ୍ଦିନୀ
ଚଣ୍ଡମୁଣ୍ଡ ବିନାଶିନୀ ମା' ଦୁର୍ଗତିନାଶିନୀ ।।

ସଙ୍କଟୁ ତାରୁବୋଲି ତୁ ସଂକଟହାରିଣୀ
କୋଟି ବିଧୂ ସମପ୍ରଭା ହେ ବିନ୍ଧ୍ୟବାସିନୀ,
ନାଶ କର ମା'ଲୋ ମନୁ ଗର୍ବ ଅହଙ୍କାର
ଘେନ ମୋ ପ୍ରଣତି ପୂଜେ ତବ ଶ୍ରୀପୟର ।।

*ୟୁନିଟ୍-୫, ଭୁବନେଶ୍ୱର*
*ଫୋନ୍- ୮୨୪୯୬୫୦୪୧୪*

## ସ୍କୁଟର



ଲଳିତ ମୋହନ ମିଶ୍ର



ରାମନରେଶ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାମ କରୁଥିଲେ । ଆଠ ନଅ ବର୍ଷ ପ୍ରାଇଭେଟରେ, ତା'ପରେ ସରକାରୀ ଚାକିରି । ଏହା ଭିତରେ ସାଇକେଲ ଯିବା ଆସିବା କରି କରି, ଏବେ ଦୁଇ ଚକିଆ ଯାନ ଆଡକୁ ମନ ବଳାଉଛନ୍ତି । ସ୍କୁଟର କିଣିବା ପାଇଁ ଯେତିକି ଟଙ୍କା ସଞ୍ଚୟ କରିଥିଲେ, ତାହା କମ୍ ପଡି ଯାଉଛି ନୂଆ ଗାଡିଟି ପାଇଁ । ସ୍କୁଟର ସୋ' ରୁମ୍‌ରେ ଥରେ ଯାଇ ଦେଖି ଆସିଲେଣି । ଛାତ୍ର ଗୋଟିଏ ସେଠାରେ କାମ କରୁଛି । ସେ କହିଲା- ସାର୍ ! ଯଦି କିଛି ଟଙ୍କା କମ୍ ହୁଏ, ତେବେ ଅଟୋ ଏଜେନ୍ସିକୁ ତିନି ମାସ ପରେ ଅବଶିଷ୍ଟ ଟଙ୍କା ପରିଶୋଧ କରିବେ । ଏହାପରେ ରାମନରେଶ ନିଜ ପସନ୍ଦର ସ୍କୁଟର ଆଣିଥିଲେ । ଦୁଇ ଚକିଆ ଯାନକୁ ବିଧିବଦ୍ଧ ଭାବେ ଠାକୁରାଣୀ ମନ୍ଦିରକୁ ନେଇ ପୂଜାର୍ଚ୍ଚନା କରିଥିଲେ । ଦୁଇ ଚକିଆ ଯାନ ଘରକୁ ଆସୁଥିବାର ଦେଖି ସମସ୍ତେ ଭାରି ଖୁସି । ସାମ୍ନା ସିଟ୍‌ରେ ସାନ ପୁଅ ପାଇଁ ଗୋଟିଏ ଛୋଟ ସିଟ୍ ଲଗାଇଥିଲେ ।

କିଛି ଦିନ ପରେ ରାମନରେଶ ସହକାରୀ ଶିକ୍ଷକରୁ ପ୍ରଧାନଶିକ୍ଷକକୁ ପ୍ରମୋଶନ ପାଇଥିଲେ । ପ୍ରମୋଶନ ପଦ ପାଇବା ପରେ ନୟାଗଡ଼ ବଦଳି ହୋଇଗଲା । ଅତି ଆନନ୍ଦ ଉତ୍ସାହର ସହିତ ପତ୍ନୀ ଓ ପିଲାମାନଙ୍କୁ ନେଇ ନୟାଗଡ଼ ଆସିଥିଲେ । ସେଠାରେ ନୂତନ ପଦବୀରେ ଯୋଗଦେଇ ଏକ ଭଡ଼ା ଘରେ ରହିଥିଲେ । ରାମନରେଶ ଏବଂ ପତ୍ନୀ ଅରୁଣା, ବଡ଼ ପୁଅ ଶ୍ରୀୟାଂଶୁ ଓ ସାନ ପୁଅ ପ୍ରୀୟାଂଶୁ ନୂଆ ସ୍ଥାନକୁ ଆସି ଭାରି ଖୁସି ଥିଲେ । ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇଦେଲେ । ବଜାରକୁ ଯିବା ଆସିବା କରିବା, ପିଲାମାନଙ୍କୁ ସ୍କୁଲ ଛାଡିବା, ବୁଲା ବୁଲି କରିବା ପାଇଁ ସ୍କୁଟରଟି ବହୁତ ଉପଯୋଗୀ ଥିଲା । ରାମନରେଶ କୋଟଗଡ ସ୍କୁଲରେ ଦଶ ବର୍ଷ ଧରି ପିଲାମାନଙ୍କୁ ସହକାରୀ ଶିକ୍ଷକ ଭାବରେ ପାଠ ପଢ଼ାଉଥିଲେ । ସେଠାରେ ରାମନରେଶଙ୍କୁ ପିଲାମାନେ ଅଭିଭାବକମାନେ ଅନ୍ୟ ସାର୍‌ମାନେ ବହୁତ ସମ୍ମାନ ଦେଉଥିଲେ । ରାମନରେଶ ଏବଂ ପରିବାର ଯେତେବେଳେ ବାହାରକୁ ବୁଲିବାକୁ ଯାଉଥିଲେ, ସାନ ପୁଅ ପ୍ରୀୟାଂଶୁଙ୍କୁ ଆଗରେ ଥିବା ଛୋଟ ସିଟ୍‌ରେ, ତା'ପରେ ବଡ଼ ପୁଅ ଶ୍ରୀୟାଂଶୁ ଓ ପତ୍ନୀ ଅରୁଣା ପଛ ସିଟ୍‌ରେ ବସୁଥିଲେ । ଚିହ୍ନା ପରିଚୟ ଲୋକମାନେ ଏମାନଙ୍କୁ ଦେଖି କହୁଥିଲେ... ଏଇଟା ସ୍କୁଟର ନୁହେଁ ତ... ଏକ ମିନି ମାରୁତି । ଲୋକମାନଙ୍କ କଥା ବାସ୍ତବରେ ସତ... କାରଣ ମାରୁତିରେ ଚାରିଜଣ ଯାତ୍ରୀ ବସିପାରିବେ.. ଏବଂ ଏହି ଛୋଟିଆ ସ୍କୁଟରଟିରେ ରାମନରେଶଙ୍କର ପରିବାରର ଚାରି ଜଣ ଯାତ୍ରୀ ।

ସମୟ ବିତିଗଲା, ବୟସ ବଢ଼ିଗଲା । ସେ ତ ଗତାନୁଗତିକ ରୀତି । ରାମନରେଶ ସରକାରୀ ପଦରୁ ଅବସର ନେଲେ । ସେତେବେଳକୁ ନୟାଗଡ଼ରେ ଘର ଖଣ୍ଡେ ତିଆରି କରିସାରିଥିଲେ । ସମୟ କ୍ରମେ ପରିବର୍ତ୍ତନ ଆସିବାରେ ଲାଗିଲା । ପିଲାମାନେ ବାପାଙ୍କୁ ଲଗାଇ... ଚାକିରି ଥିବା ସମୟରେ ଗୋଟିଏ କାର୍ କିଣିଥିଲେ । ବଡ ପୁଅ ଏବେ ବ୍ୟାଙ୍କରେ ସର୍ଭିସ୍ କରୁଛି । ସାନପୁଅ ବାଙ୍ଗାଲୋରରେ ଗୋଟିଏ କମ୍ପାନୀରେ । ବଡ ପୁଅ ମଟର ସାଇକେଲ କିଣି... ଯିବା ଆସିବା କରୁଛି । ଘରକୁ ନୂଆ ନୂଆ ଗାଡି ଆସିବା ଫଳରେ ସ୍କୁଟରଟିର ଆଉ ଆବଶ୍ୟକତା ପଡିଲାନାହିଁ । କିନ୍ତୁ ରାମନରେଶଙ୍କର ଦୈନନ୍ଦିନ ଜୀବନରେ ଏହି ସ୍କୁଟରଟି ଏକ ଅତ୍ୟାବଶ୍ୟକ ଅଙ୍ଗ ପାଲଟି ଯାଇଥିଲା । ବୟସ ବଢିବା ହେଉ ଅଥବା ତୈଳଦର ବଢିବା ହେଉ ଅବା ଷ୍ଟାର୍ଟ କରିବାରେ ଅସୁବିଧା ହେଉ... ଆଉ ସ୍କୁଟରକୁ କିଏ ଚଲାଇବାକୁ ପସନ୍ଦ କରୁନଥିଲେ । କିନ୍ତୁ ଦିନେ ସେ ଏ ଘରର ମିନି ମାରୁତି ଥିଲା ତାକୁ କିଏ ଅସ୍ୱୀକାର କରିପାରିବେ ନାହିଁ । ଘର ବାରଣ୍ଡାର ଗୋଟିଏ ପାର୍ଶ୍ୱରେ ପଡି ସ୍କୁଟରଟି ରାମନରେଶଙ୍କୁ ବ୍ୟଥିତ କରୁଥାଏ ।

ଦିନେ ହଠାତ୍ ପତ୍ନୀ ଅରୁଣା ଆସି କହିଲେ- ତୁମେ ସେ ସ୍କୁଟରଟିକୁ ବିକ୍ରି କରିଦିଅ । ପତ୍ନୀ ଅରୁଣା କଥା ଶୁଣି ରାମନରେଶ ସ୍ପଷ୍ଟ ଭାବରେ ଜଣାଇଦେଲେ- 'ମୁଁ ଏହାକୁ ବିକ୍ରି କରିପାରିବି ନାହିଁ । ଏହା ମୋର ପ୍ରଥମ ଏବଂ ଅନ୍ତିମ ଗାଡି, ମୋର ଏଇଟି ମିନି ମାରୁତି । ରାମନରେଶ ଅତ୍ୟନ୍ତ ଭାବବିହ୍ୱଳ ଏବଂ ଆତ୍ମୀୟତା ସହକାରେ କହିଲେ ।

ବଡ ପୁଅ ଶ୍ରୀୟାଂଶୁ କହିଲା- 'ବାପା, ଏବେ ଏଇଟା ପାଞ୍ଚ ହଜାର ଟଙ୍କା ମିଳିବ । ପରବର୍ତ୍ତୀ ସମୟରେ ଏହାର ଦାମ୍ କମି କମି ଯିବ । ରାମନରେଶ ବିରକ୍ତ ହୋଇ କହିଲେ- ଯାହା ହେଲେ ହେଉ, କିନ୍ତୁ ମୁଁ ଏହାକୁ ବିକ୍ରି କରିପାରିବି ନାହିଁ ।

ବଡ ପୁଅ କହିଲା- ହେଉ... ଯାହା ଆପଣଙ୍କର ଇଛା । ସାନ ପୁଅ ପ୍ରୀୟାଂଶୁ ବାପାଙ୍କ ଜିଦ୍ ବୁଝିପାରି... ଘଟଣାକୁ ଏଡ଼ାଇ... ଅନ୍ୟ ଏକ ମାର୍ଗରେ କହିଲା- ବାପା ! ସ୍କୁଟରଟି ବ୍ୟବହାର ନ ହେବାରୁ ଦିନକୁ ଦିନ କଳଙ୍କି ଲାଗି ଗଲାଣି, ଧୂଳି ମଳି ହୋଇ ପଡିରହିଛି । କିଛିଦିନ ପରେ ପରେ ଘରକାମ ଆରମ୍ଭ ହେଲା ଏବଂ ବାହାର ଭିତର ସବୁ ରଙ୍ଗ ହେଲା । ଏହି ସମୟରେ ଅସୁବିଧା ହେଉଛି ମନେକରି ସ୍କୁଟରଟିକୁ ବାହାର ରାସ୍ତାରେ ରଖିବାକୁ ପଡ଼ିଲା । ଜଣେ କବାଡି ବାଲା ସ୍କୁଟରକୁ ଏମିତି ଅବସ୍ଥାରେ ଦେଖି କିଣି ନେବାକୁ କହିଲା, ରାମନରେଶ ମନା କରିଦେଲେ । ରାସ୍ତା ଉପରେ ଗାଡିଟି ଥିବାରୁ ସମସ୍ତଙ୍କର ନଜର ସେଥିପ୍ରତି । ଦୁଇ ତିନି ଦିନ ପରେ ଆଉ ଜଣେ ବ୍ୟକ୍ତି ଆସି ରାମନରେଶଙ୍କୁ କହିଲା- 'ସାର୍, ମୋତେ ଏହି ସ୍କୁଟର ତିନି ହଜାର ଟଙ୍କାରେ ଦେଇ ଦିଅନ୍ତୁ । ରାମନରେଶ ନମ୍ରତାର ସହିତ କହିଲେ, 'ନା ଭାଇ, ମୁଁ ମୋର ଏହି ସ୍କୁଟରକୁ କାହାକୁ ଦେବିନାହିଁ... କହି ମୁହଁ ବୁଲାଇ ଦେଲେ ।

ଲୋକଟି କହିଲା-'ସାର୍, ବୁଢା ହୋଇଗଲି । ଏବେ ସାଇକେଲ୍‌ରେ ଗ୍ୟାସ୍ ସିଲିଣ୍ଡର ନେଇ ଘରକୁ ଘର ଦେବାରେ ଅସୁବିଧା ହେଉଛି । ଯଦି ଆପଣ ମୋତେ ଏହି ସ୍କୁଟରଟି ଦେଇ ଦିଅନ୍ତେ, ତେବେ ଏହା ମୋ ପାଇଁ ବହୁତ ଉପଯୋଗୀ ହୁଅନ୍ତା । ମୁଁ ଯେତେ ଅଧିକ ସିଲିଣ୍ଡର ଘର ମାନଙ୍କରେ ପହଞ୍ଚାଇବି, ସେତେ ଅଧିକ ମୋର ଆର୍ଥିକ ବୃଦ୍ଧି ପାଇବ ଏବଂ ମୋର ପିଲାମାନଙ୍କୁ ଅଧିକ ପାଠ ପଢାଇ ଶିକ୍ଷିତ କରିବାରେ ସକ୍ଷମ ହେବି । ବ୍ୟକ୍ତିଜଣକ ଅତି ନମ୍ରତାର ସହିତ ନିଜର ଦୀନ ହୀନ ଦରିଦ୍ର ଭାବକୁ ପ୍ରକାଶ କରିଥିଲା । ରାମନରେଶ କଥାଟିକୁ ବହୁତ ଗଭୀର ଭାବରେ ଚିନ୍ତାକଲେ, ଘରର ସଦସ୍ୟମାନଙ୍କ ସହିତ ପରାମର୍ଶ ନକରି... ସେ ଏକା ନିଷ୍ପତ୍ତି ନେବାକୁ ଇଚ୍ଛା କଲେ ।

କହିଲେ- 'ଠିକ୍ ଅଛି, ଅପେକ୍ଷା କର, ମୁଁ ସ୍କୁଟରଟିର ଚାବି ଆଣି ଦେଉଛି । ରାମନରେଶ ପ୍ରସନ୍ନ ହୃଦୟରେ ଘର ଭିତରକୁ ଆସି ସ୍କୁଟରର ଚାବି ନେଇ ବାହାରକୁ ଯିବା ପୂର୍ବରୁ ପତ୍ନୀ ଅରୁଣାକୁ ଡାକିଲେ । ଦୁଇ ପୁଅ ମଧ୍ୟ ବାହାରକୁ ଆସିଲେ ।

ଏଇ ଚାବି ନିଅ । ସେହି ବ୍ୟକ୍ତି ଚାବିଟିକୁ ନ ନେଇ କହିଲା- 'ସାର୍, ପ୍ରଥମେ ମୁଁ ଘରୁ ଟଙ୍କା ଆଣି ଦେଉଛି । ଲୋକଟି ଭାବବିହ୍ୱଳ କଣ୍ଠରେ କହିଲା ।

ରାମନରେଶ କହିଲେ- 'ମୋର ସେସବୁ ଆବଶ୍ୟକତା ନାହିଁ । ମୁଁ ତୁମ ଠାରୁ ଟଙ୍କା ନେବାକୁ ଚାହୁଁନାହିଁ । ସ୍କୁଟରଟି ମୋର ଆଉ କାମକୁ ଆସୁନାହିଁ । ହଁ, ଏହା ନିଶ୍ଚିତ ଯେ ଏହି ସ୍କୁଟରଟି ତୁମର କାମରେ ଆସିବ । ରାମନରେଶ ଲୋକଟିର ପିଠିରେ ହାତ ଥାପୁଡେଇ କହିଲେ- ପିଲାମାନଙ୍କୁ ବହୁତ ପଢାଅ ଲେଖାଅ ଏବଂ ବଡ ମଣିଷ କର.. ଭଲ ମଣିଷ କର.. ।

ଲୋକଟି କୃତଜ୍ଞ ହୋଇ କହିଲା- 'ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ, ସାର୍ । ମୁଁ ଆଜି କାଗଜପତ୍ର ପ୍ରସ୍ତୁତ କରିବି ଏବଂ ସନ୍ଧ୍ୟାରେ ସ୍କୁଟରଟି ନେଇଯିବି । ବ୍ୟକ୍ତି ଜଣକ ହାତ ଯୋଡି କହିଲା ।

'ଠିକ୍ ଅଛି । ଆପଣଙ୍କ ନାମ କ'ଣ ? ରାମନରେଶ ଶାନ୍ତ ଭାବରେ ପଚାରିଲେ । ଲୋକଟି କହିଲା- ରାମଦେବ !

'ଠିକ୍ ଅଛି, କାଗଜପତ୍ର ପ୍ରସ୍ତୁତ କରି ଆଣିଦିଅ । ଏହା ମୋର ଆଧାର କାର୍ଡ । ରାମନରେଶ ହସି ହସି କହିଲେ ।

ସନ୍ଧ୍ୟାରେ ରାମଦେବ ଖୁସି ହୋଇ ଆସିଲା, ସ୍କୁଟରର କାଗଜପତ୍ର ରାମନରେଶଙ୍କୁ ହସ୍ତାନ୍ତର କରି ସେଠାରୁ ରାମନରେଶଙ୍କର ମିନି ମାରୁତି ନେଇ ଚାଲିଯାଇଥିଲା । ପରିବାର ଲୋକେ ରାମନରେଶଙ୍କୁ ପ୍ରଶଂସା କରି ଘର ଭିତରକୁ ଚାଲି ଯାଇଥିଲେ । ରାମନରେଶଙ୍କର ପ୍ରିୟ ମିନି ମାରୁତି ପାଇ ରାମଦେବ ଆଖି ପିଛୁଳାକେ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ରାମନରେଶ ଚାହିଁ ରହିଥିଲେ... ।

*ଅରବିନ୍ଦ ନଗର, ନୟାଗଡ଼*
*ମୋ-୯୪୩୭୯୮୫୮୬୬*

# ଅଶୋଭନୀୟ ଆଚରଣ ପାଇଁ ୩୦% ତଣ୍ଡ ଗଣିବେ ହାରିସ ରଉଫ



**ନୂଆଦିଲ୍ଲୀ**

ଦୁବାଇରେ ଗତ ସେପ୍ଟେମ୍ବର ୨୧ ତାରିଖରେ ଏସିଆ କପ ସୁପର ଫୋର ଖେଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ଅଶୋଭନୀୟ ଆଚରଣ ଓଲଟା ସେମାନଙ୍କ ଉପରେ ମହଙ୍ଗା ପଡ଼ିଛି। ଏହି ହାଇ ଭୋଲଟେଜ୍ ଖେଳରେ ପାକିସ୍ତାନର ଦ୍ରୁତ ବୋଲର ହାରିସ ରଉଫ ବିଭିନ୍ନ ଅଶୋଭନୀୟ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଯେଉଁଥିପାଇଁ ତାଙ୍କ ମ୍ୟାଚ୍ ପାଉଣାରୁ ୩୦ ପ୍ରତିଶତ କାଟିବାକୁ ନିର୍ଦ୍ଦେଶ ଜାରି ହୋଇଥିବା ସୂଚନା ମିଳିଛି। ଜଣେ ଭାରତୀୟ ବ୍ୟାଟ୍‌ସମ୍ୟାନଙ୍କୁ ଆଉଟ କରିବା ପରେ ରଉଫ ପ୍ଲେନ୍ କ୍ରାସ୍ ହେଉଥିବା ଦେଖାଇ ପାଭିଲିୟନରେ ବସିଥିବା ଦର୍ଶକଙ୍କୁ ଛିଗୁଲାଇ ଥିଲେ। ଯେଉଁଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି)ର ମ୍ୟାଚ୍ ରେଫରି ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ। ରଉଫଙ୍କ ଏହି ଆଚରଣ ଖେଳର ନିୟମକୁ ବିରୋଧ କରୁଛି ବୋଲି ସେ ନିଜ ଅଭୋଯୋଗରେ ଦର୍ଶାଇଥିଲେ।

ଏନେଇ ଆଇସିସି ଏହି ମାମଲାର ଯାଞ୍ଚ କରିଥିଲା। ଯେଉଁଥିରେ ପାକିସ୍ତାନ ଦଳର ଉଭୟ ଖେଳାଳି ଯଥା ରଉଫ ଓ ଓପନର ସାହିବଜାଦା ଫରହାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଉଭୟେ ଆଇସିସିର ଆଚରଣ ସଂହିତା ଭାଗ ୧କୁ ଉଲ୍ଲଙ୍ଘନ କରିଥିବା ଜଣାପଡିଥିଲା। ଏଥିପାଇଁ ରାଉଫଙ୍କୁ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିବାବେଳେ, ଫରହାନଙ୍କୁ ଅର୍ଦ୍ଧଶତକ ପୂରଣ କରିବା ପରେ ବନ୍ଧୁକ ପରି ବ୍ୟାଟ୍ ଦେଖାଇବା ପାଇଁ ଆଧିକାରିକ ସ୍ତରରେ ଚେତାବନୀ ଦିଆଯାଇଛି। ଏହି ମ୍ୟାଚରେ ଫରହାନ ମୋଟ୍ ୪୫ ବଲରୁ ୫୮ ରନ୍ ସଂଗ୍ରହ କରିଥିଲେ। ନିଜ ଅର୍ଦ୍ଧଶତକ ପରେ ଫରହାନ ନିଜ ବ୍ୟାଟକୁ ବନ୍ଧୁକ ଆକାରରେ ଧରି ସେଲିବ୍ରେସନ କରିଥିଲେ। ତେବେ ଏହି ମ୍ୟାଚକୁ ପରେ ଭାରତ ୬ ୱିକେଟ ବ୍ୟବଧାନରେ ଜିତି ନେଇଥିଲା। ଆଇସିସି, ଫରହାନଙ୍କ ଏହି ବନ୍ଧୁକ ସେଲିବ୍ରେସନକୁ ନିନ୍ଦା କରିବା ସହ ଏପରି ଆଚରଣ ଖେଳରେ ବ୍ୟାଘାତ ସୃଷ୍ଟି କରିପାରେ ବୋଲି କହିଥିଲା। ଆଇସିସି ର ଆଚରଣ ସଂହିତା ଭାଗ ୧କୁ ଉଲ୍ଲଂଘନ କଲେ ଖେଳାଳିଙ୍କ ପାଉଣାର ୫୦ ପ୍ରତିଶତ ଯାଏ ଫାଇନର ବ୍ୟବସ୍ଥା ଥିବା ବେଳେ ଗୋଟିଏ କି ଦୁଇଟି ଡିମେରିଡ୍ ପଏଣ୍ଟ ଦିଆଯାଇଥାଏ। କେତେକ କ୍ଷେତ୍ରରେ ଖେଳାଳିଙ୍କ ଉପରେ ଆର୍ଥିକ ପେନାଲ୍ଟି ନଲଗାଇ କେବଳ ଚେତାବନୀ ଦିଆଯାଇଥାଏ।

# ଫାଇନାଲ୍ ପୂର୍ବରୁ ଭାରତକୁ ଚ୍ୟାଲେଞ୍ଜ ଦେଲେ ପାକିସ୍ତାନ ଅଧିନାୟକ

**ଦୁବାଇ**

ଦୁବାଇରେ ଖେଳାଯାଇଥିବା ଏସିଆ କପ ୨୦୨୫ର ସୁପର ଫୋର ମ୍ୟାଚ୍‌ରେ ପାକିସ୍ତାନ ବାଂଲାଦେଶକୁ ୧୧ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଭାରତ ଏବଂ ପାକିସ୍ତାନ ସେପ୍ଟେମ୍ବର ୨୮ରେ ଏସିଆ କପ ଫାଇନାଲରେ ପରସ୍ପରର ମୁହାଁମୁହିଁ ହେବେ। ବିଜୟ ପରେ, ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଗା ଭାରତକୁ ଚ୍ୟାଲେଞ୍ଜ କରି କହିଛନ୍ତି, ତାଙ୍କ ଦଳ ଯେକୌଣସିକୁ ପରାସ୍ତ କରିପାରିବ, ଏପରିକି ଭାରତକୁ ମଧ୍ୟ।



ସଲମାନ ଅଲି ଆଗା କହିଛନ୍ତି, ଯଦି ଆମେ ଏପରି ଏକ ମ୍ୟାଚ୍ ଜିତିପାରିବୁ, ତେବେ ଆମେ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦଳ। ଆମ ଦଳର ପ୍ରତ୍ୟେକ ଖେଳାଳି ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି। ତଥାପି, ଆମକୁ ଆମର ବ୍ୟାଟିଂରେ ଉନ୍ନତି ଆଣିବାକୁ ପଡ଼ିବ, କିନ୍ତୁ ଆମେ ଏହା ଉପରେ କାମ କରିବୁ। ଆମେ ଜାଣୁ ଯେ ଫାଇନାଲରେ ଆମକୁ କ'ଣ କରିବାକୁ ପଡ଼ିବ ଏବଂ ଆମେ ରବିବାର ଅଲ ଆଉଟ କରିବୁ। ଆମ ଦଳର ଆତ୍ମବିଶ୍ୱାସ ଆମକୁ ଯେକୌଣସି ଦଳକୁ ଚ୍ୟାଲେଞ୍ଜ କରିବାର ଅଧିକାର ଦିଏ। ଭାରତ ଭଳି ଏକ ଶକ୍ତିଶାଳୀ ଦଳ ବିରୋଧରେ ମଧ୍ୟ, ଆମେ ଆମର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବୁ।

ପାକିସ୍ତାନର ବୋଲିଂ ସେମାନଙ୍କ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଶେଷକରି ଶାହିନ ଶାହ ଆଫ୍ରିଦି ଏକ ଚମତ୍କାର ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଜିତିଥିଲେ। ଅଧିନାୟକ ସଲମାନ କହିଥିଲେ, ଶାହିନ ଜଣେ ସ୍ୱତନ୍ତ୍ର ଖେଳାଳି। ସେ ଦଳକୁ ଯାହା ଆବଶ୍ୟକ ଥିଲା ତାହା କରିଥିଲେ। ଆମେ ପ୍ରାରମ୍ଭରେ ଆମର ବୋଲିଂ ଦ୍ୱାରା ଭଲ ଚାପ ସୃଷ୍ଟି କରିପାରିଥିଲୁ, ଯାହା କାରଣରୁ ଆମେ ମ୍ୟାଚ୍ ଜିତିଥିଲୁ।

ଅନ୍ୟପକ୍ଷରେ, ବାଂଲାଦେଶର ଷ୍ଟାଣ୍ଡିଂ ଅଧିନାୟକ ଜାକିର ଅଲି ପରାଜୟ ପାଇଁ ତାଙ୍କ ଦଳର ବ୍ୟାଟିଂକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଗତ ଦୁଇଟି ମ୍ୟାଚ୍‌ରେ ଆମର ବ୍ୟାଟିଂ ଦୁର୍ବଳ ରହିଛି। ବୋଲିଂ ଭଲ କାମ କରିଥିଲା, କିନ୍ତୁ ବ୍ୟାଟିଂ ଆମକୁ ମ୍ୟାଚ୍ ହାରିବାକୁ ବାଧ୍ୟ କରିଥିଲା।

ଏସିଆ କପ ୨୦୨୫ର ଫାଇନାଲ ଏକ ଅତ୍ୟନ୍ତ ପ୍ରତୀକ୍ଷିତ ମ୍ୟାଚ୍ ପାଲଟିଛି। ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୃତୀୟ ସାକ୍ଷାତ୍ ହେବ। ପୂର୍ବରୁ ଦୁଇ ଦଳ ଗ୍ରୁପ୍ ପର୍ଯ୍ୟାୟ ଏବଂ ସୁପର ଫୋର୍ରେ ପରସ୍ପରର ସାମ୍ନା କରିଛନ୍ତି, ପାକିସ୍ତାନ ଉଭୟ ମ୍ୟାଚ୍ ହାରିଛି। ଏବେ ଉଭୟ ଦଳ ସବୁକିଛି ବାଜି ଲଗାଇ ଫାଇନାଲ ପ୍ରବେଶ କରିବେ ଏବଂ ଏହି ମ୍ୟାଚ୍ କ୍ରିକେଟ ପ୍ରେମୀଙ୍କ ପାଇଁ ସ୍ମରଣୀୟ ହେବ।

## ୪୧ ବର୍ଷ ପରେ ପ୍ରଥମଥର ଏସିଆ କପ୍ ଫାଇନାଲ ଖେଳିବେ ଭାରତ-ପାକିସ୍ତାନ

**ଦୁବାଇ**

ଚଳିତ ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ୧୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ଏହି ବିଜୟ ସହ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଛି। ଫଳରେ ଆସନ୍ତା ୨୮ ତାରିଖରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ହେବାକୁ ଥିବା ଟାଇଟଲ ମୁକାବିଲାରେ ପୁଣି ଥରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରୁ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ଣ୍ଣାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପ୍ରଥମ ଥର ପାଇଁ ଫାଇନାଲରେ ମୁହାଁମୁହିଁ ହେବେ।

ଭାରତୀୟ ଦଳ ପୂର୍ବରୁ ଏସିଆ କପ ୨୦୨୫ର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଟାଇଟଲ ମ୍ୟାଚ୍ ସେପ୍ଟେମ୍ବର ୨୮ରେ ଦୁବାଇରେ ଖେଳାଯିବ। ଭାରତ ପୁଣି ଥରେ ଫାଇନାଲରେ ପାକିସ୍ତାନ ସହିତ ମୁକାବିଲା କରିବ।

ଭାରତ ସାରା ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଫର୍ମରେ ରହିଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପଲବ୍ଧତା ଦଳର ଆତ୍ମବିଶ୍ୱାସକୁ ଆହୁରି ବୃଦ୍ଧି କରିବ।

# ସୂର୍ଯ୍ୟକୁମାରଙ୍କ ବିବୃତ୍ତି ଖେଳର ପ୍ରତିଛବିକୁ ଖରାପ କରିପାରେ, କିନ୍ତୁ ଏହା ଏକ ଗୁରୁତର ଅପରାଧ ନୁହେଁ : ରିଚାର୍ଡସନ

**ନୂଆଦିଲ୍ଲୀ**

୨୦୨୫ ଏସିଆ କପ ଫାଇନାଲ ପୂର୍ବରୁ ଟିମ୍ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ଅଭିଯୋଗର ଶୁଣାଣି ଶେଷ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଅଭିଯୋଗ ପରେ ଆଇସିସି ଏହି ପ୍ରକ୍ରିୟା ଆରମ୍ଭ କରିଥିଲା। ୧୪ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷରେ ବିଜୟ ପରେ, ସୂର୍ଯ୍ୟକୁମାର ମ୍ୟାଚ୍‌କୁ ଅପରେସନ ସିନ୍ଦୂରର ଅଂଶ ଭାରତୀୟ ସଶସ୍ତ୍ର ବାହିନୀଙ୍କୁ ଉତ୍ସର୍ଗ କରିଥିଲେ। ଏହା ପରେ ପିସିବି ଏହାକୁ 'ରାଜନୈତିକ ବିବୃତ୍ତି' ବୋଲି କହି ଆପତ୍ତି ଉଠାଇଥିଲା। ଏହି ମାମଲା ଶୁଣିବା ପରେ, ମ୍ୟାଚ ରେଫରି ରିଚି ରିଚାର୍ଡସନ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କ ବିବୃତ୍ତି ପାଇଁ ଏକ ଆନୁଷ୍ଠାନିକ ଚେତାବନୀ ଦେଇଥିଲେ। ଭାରତୀୟ ଅଧିନାୟକଙ୍କ ସହିତ ବିସିସିଆଇ ସିଓଓ ହେମାଙ୍ଗ ଅମିନ ଏବଂ କ୍ରିକେଟ ଅପରେସନ୍ସ ମ୍ୟାନେଜର ସୁମିତ ମଲ୍ଲପୁରକର ମଧ୍ୟ ଶୁଣାଣିରେ ଉପସ୍ଥିତ ଥିଲେ। ରିଚାର୍ଡସନ ବିସିସିଆଇକୁ ଏକ ଇମେଲ ପଠାଇ କହିଥିଲେ ଯେ ସୂର୍ଯ୍ୟକୁମାରଙ୍କ ବିବୃତ୍ତି ଖେଳର ପ୍ରତିଛବିକୁ ଖରାପ କରିପାରେ, କିନ୍ତୁ ଏହା ଏକ ଗୁରୁତର ଅପରାଧ ନୁହେଁ। ଆଇସିସି ନିୟମ ଅନୁଯାୟୀ, ଏହି ମାମଲାକୁ ସ୍ତର ୧ ଉଲ୍ଲଂଘନ ଭାବରେ ବିବେଚନା କରାଯାଇଛି। ନିୟମ ଉଲ୍ଲଂଘନ ପାଇଁ କୌଣସି ଖେଳାଳିଙ୍କୁ ନିଷିଦ୍ଧ କରାଯାଇ ନାହିଁ। ତଥାପି, ଜଣେ ଖେଳାଳିଙ୍କୁ ତାଙ୍କ ମ୍ୟାଚ ଫି' ଜରିମାନା କରାଯାଇପାରେ କିମ୍ବା ଡିମେରିଟ ପଏଣ୍ଟ ଦିଆଯାଇପାରେ। ଭଲ ଖବର ହେଉଛି, ଏହି କାର୍ଯ୍ୟ ସୂର୍ଯ୍ୟକୁମାରଙ୍କ ଫାଇନାଲରେ ଖେଳିବାର ସମ୍ଭାବନାକୁ ପ୍ରଭାବିତ କରିବ ନାହିଁ।

# ଜିଲ୍ଲାସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତା : ରାଜ୍ୟସ୍ତର ପାଇଁ ୨୪ ଚୟନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କୁଳିଅଣା ବ୍ଲକ ଅନ୍ତର୍ଗତ ଅସନଯୋଡ଼ା ସ୍ଥିତ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ରଗ୍‌ବି ଫୁଟବଲ ପ୍ରତିଯୋଗିତା, ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଓ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଂପାଦକ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, ପ୍ରକାଶଚନ୍ଦ୍ର ସୋଏ, ମାଳିନୀ ସୋଏ, ରାଇମଣ ନାଏକ, ତାରିଣୀସେନ ନାଏକ, କ୍ରିଷ୍ଣା ଟୁଡୁ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ କ୍ଷ ଓଡିଶା ରାଜ୍ୟସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝି, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସୋରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦଶନା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ।

# ମାଣ୍ଡିଆ ପ୍ରକ୍ରିୟାକରଣ ଜରିଆରେ ମହିଳା ହେବେ ସ୍ୱାବଲମ୍ବୀ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ଶତପ୍ରତିଶତ ସହଯୋଗୀ କମ୍ପାନୀ, ଚକୋଲାକା ସହଭାଗିତାରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍ ସ୍ଥାନୀୟ ବିଲାମାଳ ଠାରେ ଉଦ୍‌ଘାଟିତ ହୋଇ ଯାଇଛି। ଅଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭଶୀଳ କରି ଜୀବିକା ପ୍ରଦାନ ଦିଗରେ କମ୍ପାନୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ୟୁଏଆଇଏଲ ସିଏସଆର୍ ଅଧୀନ ଗ୍ରାମ ଗୁଡ଼ିକରେ ମହିଳାଙ୍କୁ ଜୀବିକା ପ୍ରଦାନ ଉଦ୍ଦେଶ୍ୟରେ ଏହା ପ୍ରାରମ୍ଭ ହୋଇଛି। ଉକ୍ତ ୟୁନିଟ୍ ଦ୍ୱାରା ମାଣ୍ଡିଆକୁ ବିଭିନ୍ନ ପଦ୍ଧତି ଅବଲମ୍ବନ କରି ଦୈନନ୍ଦିନ ବ୍ୟବହୃତ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ତିଆରି କରି ଏହାକୁ ଆକର୍ଷଣୀୟ ପ୍ୟାକେଜ ଜରିଆରେ ରାଜ୍ୟ ସମେତ ଜାତୀୟ ତଥା ବିଦେଶ ବଜାରରେ ଏହାର ବିକ୍ରୟ କରାଯିବା ନେଇ ଯୋଜନା ରହିଛି। ଆଗାମୀ ଦିନରେ ଉତ୍ପାଦନ ପ୍ରକ୍ରିୟା ଉତ୍ସାହଜନକ ହେଲେ ଏହା କାଶୀପୁର ବ୍ଲକର ଅନ୍ୟ ସ୍ଥାନରେ ପ୍ରତିଷ୍ଠା କରାଯିବା ସହ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଜରିଆରେ ସାମିଲ କରାଯିବା ନେଇ ଯୋଜନା ହୋଇଛି। ଉକ୍ତ ରୋଷ୍ଟେଡ୍ ମିଲେଟ ୟୁନିଟ୍ ଦ୍ୱାରା ସ୍ଥାନୀୟ ଗ୍ରାମର ମହିଳାଙ୍କୁ ଚକୋଲାକା ଦ୍ୱାରା ସ୍ୱାବଲମ୍ବୀ କରିଥିବାରୁ ଉତ୍କଳ ଆଲୁମିନାର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସଏ। ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଜରିଆରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଉତ୍କଳ ଆଲୁମିନାର ଏହା ଉତ୍ତମ ପ୍ରୟାସ। ଯଦ୍ୱାରା ମହିଳାମାନେ ସିଧାସଳଖ ରୋଜଗାର ପାଇବା ସହିତ ଆର୍ଥିକ ଉପାର୍ଜନ କରି ପରିବାର ଚଳାଇବାରେ ସାହାଯ୍ୟ କରିବେ। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବା ସହିତ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଦ୍ୱାରା ସାମିଲ ନିମନ୍ତେ ଶ୍ରୀ ସଏ ପ୍ରକାଶ କରିଛନ୍ତି। ସେହିପରି ହିଣ୍ଡାଲକୋ ସିଏସଆର୍ କ୍ଲଷ୍ଟର ମୁଖ୍ୟ ଶିବ ଶଙ୍କର ମହାପାତ୍ର କହିଛନ୍ତି ଯେ, କୌଣସି ମହିଳା ଆର୍ଥିକ ରୂପେ ପାରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର ନହୋଇ କୌଶଳ ପ୍ରଶିକ୍ଷଣ ଜରିଆରେ ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ଭାବେ ସ୍ୱାବଲମ୍ବନ ହେବା ଉଚିତ୍। ଏହି କ୍ରମରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ ମହିଳାଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଏହା ପ୍ରୟାସ। ଏହା ଆରମ୍ଭ ମାତ୍ର, ଯଦି ଆଗାମୀ ଦିନରେ ସବୁ ସାମାନ୍ୟ ରହେ। ଏହାକୁ କାଶୀପୁର ବ୍ଲକର ଅନ୍ୟ ଗ୍ରାମରେ ମଧ୍ୟ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ୟୁଏଆଇଏଲ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସିଏସଆର ବିଭାଗ ତରଫରୁ ଅବିରତ ଭାବେ ସ୍ଥାନୀୟ ପ୍ରଭାବିତ ଓ ପାର୍ଶ୍ୱସ୍ଥ ଗ୍ରାମରେ ଅନେକ ଜୀବିକା ତଥା ଭିତ୍ତିଭୂମି ବିକାଶ ପାଇଁ ସକ୍ରିୟ ଭୂମିକା ନିର୍ବାହ କରିଛି। ଏହି ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ହାଡ଼ିଗୁଡା ସରପଞ୍ଚ ଯଦୁମଣି ମାଝୀ, ମାନବ ସମ୍ବଳ ମୁଖ୍ୟ ନାରାୟଣ ମିତ୍ରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି, ପରିବେଶ ବିଭାଗ ମୁଖ୍ୟ ଶ୍ରୀ ସୁରେନ୍ଦ୍ର ସେରନଙ୍କ ସମେତ ଚକୋଲାକା ଅନୁଷ୍ଠାନ ତରାରୁ ରିତା ବଳିଆରସିଂ ଓ ଶାନ୍ତା ବଳିଆରସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ଏଚ ଏଲଡିସି ଚନ୍ଦନ ଚୌଧୁରୀ ଏବଂ ସିଏସଆର ଟିମର ସଦସ୍ୟ କାର୍ତ୍ତିକେଶ୍ୱର ସାହୁ, ରୁପେନ ପଟ୍ଟନାୟକ, ମନୋଜ ଦାସ, ସୌମ୍ୟଜିତ ସ୍ୱାଇଁ, ସୁବାଷ ଚନ୍ଦ୍ର ନାଏକ, ସତ୍ୟଭାମା ନାୟକ, ଆଶିଷ କୁମାର ସାହୁ, ଗଜେନ୍ଦ୍ର ନାଏକ, ବିନୋଦ ପୂଜାରୀ, ମୌସୁମୀ ଦାସ, ସୁସ୍ମିତା କୋଶଲା, ମୋହିନୀ ନାଏକ, ନିରୁପମା ବାରିକ, କାମଦେବ, ହେମଲତା ସୋଉନ୍ତା ଓ ଗୌରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଧାମନଗର ବ୍ଲକରେ ନୂତନ ଭତ୍ତା ପାଇଁ ୨,୭୮୬ ଜଣ ଅପେକ୍ଷାରେ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଦେଢ଼ବର୍ଷ ହୋଇଗଲାଣି ଧାମନଗର ବ୍ଲକରେ ସାମାଜିକ ସୁରକ୍ଷା ଯୋଜନାର ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାକୁ ଅନେଇ ବସିଛନ୍ତି। ୨୦୨୪ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ପରଠାରୁ ଏ ପର୍ଯ୍ୟନ୍ତ ୨ ହଜାର ୭୮୬ ଜଣ ଭତ୍ତା ପାଇଁ ଆବେଦନ କରିଛନ୍ତି। ହେଲେ ଟାର୍ଗେଟ ଫିଲପ ଥିବାରୁ ଓ ନୂଆ ଟାର୍ଗେଟ ଆସିନଥିବାରୁ ଏମାନଙ୍କ ଆବେଦନକୁ ମଞ୍ଜୁର କରାଯାଉ ନ ଥିବା ସୂଚନା ଦିଆଯାଇଛି। ଏ ସଂପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଜଣାଯାଇଛି। ଜିଲ୍ଲାପାଳଙ୍କଠାରୁ ଅନୁମତି ଆସିଲେ ପୁଣି ଭତ୍ତା ମଞ୍ଜୁର କରାଯିବ ବୋଲି ଧାମନଗର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯଶୋଦା ସାହୁ କହିଛନ୍ତି। ଧାମନଗର ବ୍ଲକରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ଓ ତୃତୀୟ ଲିଙ୍ଗ ଭତ୍ତା ହିତାଧିକାରୀ ଏବେ ୨୬ ହଜାର ୪୬୫ ଜଣ ଅଛନ୍ତି। ଏମାନଙ୍କୁ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା ଯୋଜନାର ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଓ ମଧୁବାବୁ ପେନସନ ଯୋଜନାରେ ଭାଗ କରି ଭତ୍ତା ପ୍ରଦାନ କରାଯାଉଛି। ଜାତୀୟ ଯୋଜନାରେ ୧୭୧୭୯ ଓ ମଧୁ ବାବୁ ଯୋଜନାରେ ୯୨୮୬ ଜଣ ହିତାଧିକାରୀ ଅଛନ୍ତି। ସରକାରଙ୍କ ନିୟମ ଅନୁସାରେ ୬୦ ବର୍ଷ ପରେ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବା କଥା। ସେହିପରି ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ଭିନ୍ନକ୍ଷମ ଭତ୍ତା ମିଳିବ। ସେହିପରି ଗରିବ ଶ୍ରେଣୀର ସ୍ୱାମୀ ପରିତ୍ୟକ୍ତାଙ୍କୁ ଭତ୍ତା ମିଳିବ। ଏଥିପାଇଁ ପ୍ରତି ପଞ୍ଚାୟତରୁ ପାଖାପାଖି ୧୦୦ ଲେଖାଏଁ ହିତାଧିକାରୀ ଦେଢ଼ବର୍ଷ ହେଲା ଆବେଦନ କରିଛନ୍ତି। ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ ଏହିସବୁ ଆବେଦନ ପଡ଼ି ରହିଥିଲା। ସରକାର ବଦଳି ନୂଆ ସରକାର ଆସିବା ପରେ ଆହୁରି ଆବେଦନ ମଧ୍ୟ ହେଲା। ହେଲେ ପଞ୍ଚାୟତଓ୍ୱାରୀ ବହୁ ଅଧିକ ଲୋକ ଭତ୍ତା ନେଉଥିବାରୁ ଆଉ ନୂଆ ହିତାଧିକାରୀଙ୍କୁ ଭତ୍ତା ମିଳି ପାରୁନାହିଁ। ତେବେ ସରକାରୀ ଦଳର କର୍ମୀ ଓ ନେତାଙ୍କ ଚାପରେ କିଛି ଲୋକଙ୍କୁ ଯୋଡ଼ା ଯାଉଛି। ତାହା ପୁଣି ଜଣକ ବଦଳରେ ଜଣକର। ପଞ୍ଚାୟତରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ହେଲେ ତାଙ୍କ ସ୍ଥାନରେ ନୂଆ ହିତାଧିକାରୀଙ୍କୁ ଯୋଡ଼ି ଦିଆଯାଉଛି। ଏଣୁ ଖୁବ୍‌ଶୀଘ୍ର ଟାର୍ଗେଟ ମଞ୍ଜୁର କରିବାକୁ ଅପେକ୍ଷାରତ ହିତାଧିକାରୀ ଦାବି କରିଛନ୍ତି।



## ଶୁଭଲକ୍ଷ୍ମୀ କ୍ରସିଂ ବଜାର କମିଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଦୁହୁରିଆ ଶୁଭଲକ୍ଷ୍ମୀ କ୍ରସିଂ ବଜାର କମିଟି ପକ୍ଷରୁ ସଦର ଥାନା ଅଧିକାରୀ, ଏସାଇଙ୍କ ବିରୋଧରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟୀ ସଂଘର ସଭାପତି କ୍ଷେତ୍ରବାସୀ ସାହୁ, ସାଧାରଣ ସଂପାଦକ ସନାତନ ମୁଦୁଲିଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ସଦର ଥାନା ଅଧିକାରୀ ଓ ଏସ.ଆଇ ବଜାର କମିଟିର ସଭାପତି, ସଂପାଦକ ଓ ସେଠାକାର ବ୍ୟବସାୟୀ ମାନଙ୍କୁ ଅଯଥା ହଇରାଣ ହରକତ କରିବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରି ବଜାର କମିଟିର ସଭ୍ୟ ଓ ବ୍ୟବସାୟୀ ସଂଘ ତରଫରୁ ଧାରଣା ଦିଆଯାଇଛି। ଖବର ପାଇ ଜିଲ୍ଲାପାଳ ଓ ଏସଡିପିଓ ଧାରଣା କାରୀଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ଆୟୋଜିତ ଏହି ଧାରଣାରେ କୋଷାଧକ୍ଷ ସୁରେନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ଶରତ କୁମାର ସ୍ୱାଇଁ, ଗୀତାଞ୍ଜଳୀ ନାୟକ, ପ୍ରତିମା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରୀୟ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଲେ ଏଫଏମୟୁ ଅଧ୍ୟାପକ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୌରବମୟ ଅବସର, କାରଣ ୨୦୨୫ ମସିହାର ଷ୍ଟାନଫୋର୍ଡ-ଏଲସେଭିୟରର ଟପ୍ ୨% ସାଇଣ୍ଟିଷ୍ଟ୍ ର୍ୟାଙ୍କିଙ୍ଗ୍ ତାଲିକାରେ ଏହି ବିଶ୍ୱବିଦ୍ୟାଳୟର ୩ ଜଣ ଅଧ୍ୟାପକଙ୍କୁ ସ୍ଥାନ ମିଳିଛି। ଏହି ବିଶ୍ୱସ୍ତରୀୟ ତାଲିକାକୁ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲସେଭିୟର ଯୁଗ୍ମଭାବେ ପ୍ରସ୍ତୁତ କରିଥାନ୍ତି। ଯାହା ସ୍କୋପସ୍ ସାଇଟେସନ୍ ଡାଟା ଉପରେ ଆଧାରିତ। ୨୨ଟି ବିଷୟ ଓ ୧୭୪ଟି ଉପ-ଶାଖାରେ ବୈଜ୍ଞାନିକମାନଙ୍କର ସନ୍ଦର୍ଭ , ଏଚ୍-ଇଣ୍ଡେକ୍ସ, ଓ ସଂଯୁକ୍ତ ସାଇଟେସନ୍ ସ୍କୋର ଭିତ୍ତିରେ ସୂକ୍ଷ୍ମ ମାପଦଣ୍ଡରେ ମୂଲ୍ୟାୟନ କରାଯାଏ। ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକମାନଙ୍କ ମଧ୍ୟରେ ଫକୀରମୋହନର ୩ ଜଣ ଅଧ୍ୟାପକ ସାମ୍ପ୍ରତିକ ର୍ୟାଙ୍କିଙ୍ଗରେ ବିଶ୍ୱବିଦ୍ୟାଳୟର ୩ ଜଣ ଅଧ୍ୟାପକଙ୍କୁ ସ୍ଥାନ ମିଳିଥିବା, ସେମାନଙ୍କର ବିଶିଷ୍ଟ ଗବେଷଣାମୂଳକ ଅବଦାନକୁ ନିୟମିତ ଭାବେ ଆଲୋକିତ କରିଛି। ପ୍ରଫେସର ଡ଼କ୍ଟର ପଙ୍କଜ କୁମାର ପାରହି, ରସାୟନ ବିଭାଗ କ୍ୟାରିଆର-ଲଙ୍ଗ୍ ଓ ସିଙ୍ଗଲ୍-ଇଅର୍ ଦୁଇଟି ବିଭାଗରେ ପର୍ଯ୍ୟାୟକ୍ରମେ ଷଷ୍ଠ ଥର ପାଇଁ ସ୍ଥାନ ପାଇଛନ୍ତି। କେମିକାଲ୍ ଇଞ୍ଜିନିୟରିଂ ଉପ-ଶାଖାରେ ସେ ୩୮୨ତମ ଓ ସମଗ୍ର ବିଶ୍ୱରେ ୫୦ହଜାର ୬୪୩ତମ ସ୍ଥାନରେ ଅଛନ୍ତି। ପ୍ରଫେସର ଗୌରଙ୍ଗ ସାମନ୍ତ, ଗଣିତ ବିଭାଗ ପର୍ଯ୍ୟାୟକ୍ରମେ ପଞ୍ଚମ ଥର ପାଇଁ ସିଙ୍ଗଲ୍-ଇଅର୍ ବିଭାଗରେ ସ୍ଥାନ ପାଇଛନ୍ତି। ନ୍ୟୁକ୍ଲିୟର୍ ଏବଂ ପାର୍ଟିକଲ୍ ଫିଜିକ୍ସ ଉପ-ଶାଖାରେ ସେ ୧,୨୮୭ତମ ଓ ସମଗ୍ର ବିଶ୍ୱରେ ୧,୦୮,୨୩୬ତମ ସ୍ଥାନରେ ଅଛନ୍ତି। ଡ଼କ୍ଟର ମନୋଜିତ୍ ଭଟ୍ଟାଚାର୍ଯ୍ୟ, ଜୀବବିଜ୍ଞାନ ବିଭାଗ ପର୍ଯ୍ୟାୟକ୍ରମେ ତୃତୀୟ ଥର ପାଇଁ ସିଙ୍ଗଲ୍-ଇଅର୍ ବିଭାଗରେ ସ୍ଥାନ ପାଇଛନ୍ତି। ମାଇକ୍ରୋ ବାୟୋଲୋଜି ଉପ-ଶାଖାରେ ସେ ୨,୦୦୨ତମ ଓ ସମଗ୍ର ବିଶ୍ୱରେ ୧,୦୪,୮୦୦ତମ ସ୍ଥାନରେ ଅଛନ୍ତି। ଏହି ସ୍ୱୀକୃତି, ବିଶ୍ୱବିଦ୍ୟାଳୟର ଗବେଷଣାରେ ସାଧନା, ଗୌରବ ଓ ବିଶ୍ୱମାନ୍ୟତାକୁ ପ୍ରତିପାଦିତ କରିଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କର ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି— "ଏହି ସ୍ୱୀକୃତି କେବଳ ଆମ ଅଧ୍ୟାପକମାନଙ୍କର ବ୍ୟକ୍ତିଗତ ମହତ୍ତ୍ୱକୁ ନୁହେଁ, ବରଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଶ୍ୱସ୍ତରୀୟ ଗବେଷଣାରେ ପ୍ରତ୍ୟକ୍ଷ ଅବଦାନକୁ ପ୍ରତିବିମ୍ବିତ କରିଛି। ସେମାନଙ୍କର ଏହି ନିରବିଚ୍ଛିନ୍ନ ସଫଳତା ଆମ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଅଧିକ ସୃଜନଶୀଳତା ଓ ଗବେଷଣା କ୍ଷେତ୍ରରେ ଅଗ୍ରସର ହେବାନେଇ ପ୍ରେରଣା ଯୋଗାଇବ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ତଥା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ।" 'ଷ୍ଟାନଫୋର୍ଡ-ଏଲସେଭିୟରର ଟପ୍ ୨% ସାଇଣ୍ଟିଷ୍ଟ ରାଙ୍କିଙ୍ଗ୍'କୁ ବିଶ୍ୱସ୍ତରରେ ଗବେଷଣାର ଶ୍ରେଷ୍ଠତାର ମାନକ ଭାବରେ ଗ୍ରହଣ କରାଯାଏ। ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ପୁନର୍ବାର ସ୍ଥାନ ହାସଲ, ବିଶ୍ୱ ମାନ୍ୟର ଗବେଷଣା ଓ ଶିକ୍ଷାରେ ଏହାର ସଚେତନା, ସଂକଳ୍ପବଦ୍ଧତାକୁ ସ୍ପଷ୍ଟ କରିଛି।

# ବିଜେପିର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବିଜେପିର ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତି ଉପଲକ୍ଷେ ବଲାଙ୍ଗୀର ଜିଲ୍ଲା ଭାଜପା ପକ୍ଷରୁ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଥରଚେପା ସ୍ଥିତ ଭାଜପା ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲାସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥି ଭାବରେ ରାଜ୍ୟ କମିଟିରୁ ଆସିଥିବା ଡ. ମୂରଲୀ କ୍ରୀଷ୍ଣା, ବରିଷ୍ଠନେତା ଗୋପାଳଜୀ ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଂଜିତା ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ଏସ୍‌ସି ମୋର୍ଚ୍ଚା ସଭାପତି ଦୀନବନ୍ଧୁ ବେହେରା, ଏସଟି ମୋର୍ଚ୍ଚା ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମଶାଳା ପ୍ରାରମ୍ଭରେ ଭାରତମାତା, ଦୀନଦୟାଲ ଉପାଧ୍ୟାୟ ଓ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ବନ୍ଦେମାତରମ ଗାନ ପରେ କର୍ମଶାଳା ଆରମ୍ଭ ହୋଇଥିଲା। ସାଂସଦ ସଂଗୀତା ସିଂଦେଓ ଦୀନଦୟାଲ ଉପାଧ୍ୟାୟଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ କଥା କହିବା ସହିତ ତାଙ୍କର ଜୀବନ ଆଦର୍ଶ ବିଷୟରେ ବକ୍ତବ୍ୟ ରଖିଥିଲେ। ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଚାଲିଥିବା ସରକାର ସେହି ଆଦର୍ଶକୁ ପାଥେୟ କରି ଆଗେଇ ଚାଲିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି ଓ ବିକାଶ ଦ୍ୱିଗୁଣିତ ହୋଇଛି। ଆଜି ଭାରତ ଆତ୍ମନିର୍ଭରଶୀଳ ହୋଇଛି। ମହାକାଶ ବିଜ୍ଞାନ ହେଉକି କି ଖାଦ୍ୟପଦାର୍ଥ ଉତ୍ପାଦନରେ ଆମେ ବହୁତ ଆଗରେ ରହିଛୁ । ୨୦୪୭ ବେଳକୁ ଭାରତ ଏକ ବିକଶିତ ରାଷ୍ଟ୍ର ହେବାକୁ ଯାଉଛି। ଆମକୁ ଆଉ କୌଣସି ଦେଶ ନାଲିଆଖି ଦେଖାଇ ଡରାଇ ପାରିବ ନାହିଁ। ଅପରେସନ ସିନ୍ଦୁର ମାଧ୍ୟମରେ ପାକିସ୍ତାନକୁ ତା'ର ଶାସ୍ତି ଦିଆଯାଇ ସାରିଛି। ଆମେରିକା ଭଳି ଦେଶ ଆଉ ଭାରତକୁ ଅଧିପତ୍ୟ ଦେଖାଇ ଭୟଭୀତ କରିପାରିବ ନାହିଁ। ଭାରତର ସ୍ୱଦେଶୀ ଜାଗରଣ ଦେଶବାସୀଙ୍କୁ ଆତ୍ମନିର୍ଭର ହେବାକୁ ସାହସ ଦେଇଛି ବୋଲି ସାଂସଦ ଶ୍ରୀମତୀ ସିଂଦେଓ କହିଥିଲେ। ଦେଶରେ ନରେନ୍ଦ୍ର ମୋଦୀଙ୍କ ସରକାର ଅମଳରେ ହେଉଥିବା ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇ ତାହାର ଉପଯୋଗ କରିବାକୁ ଡ. ମୂରଲୀକ୍ରୀଷ୍ଣ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ବହୁସଂଖ୍ୟାରେ ପଦାଧିକାରୀମାନେ ଯୋଗଦେଇଥିଲେ। ଏହା ପୂର୍ବରୁ ଭାଜପା ପକ୍ଷରୁ ଜିଏସଟି ସ୍ଲାବରେ ପରିବର୍ତ୍ତନ ପରେ ଦେଶବାସୀ ଖୁବ୍ ଲାଭବାନ ହେବାକୁ ଯାଉଥିବା ନେଇ ଗଣମାଧ୍ୟମ ସମ୍ମିଳନୀ କରି ସୂଚନା ଦିଆଯାଇଥିଲା। ସାଂସଦ ସଂଗୀତା ସିଂଦେଓ ତାଙ୍କ ବକ୍ତବ୍ୟରେ ଜିଏସଟି ସ୍ଲାବ ସଂଶୋଧନପରେ ଅନେକ ଦ୍ରବ୍ୟର ଦରଦାମ କମିଯାଇଛି ଓ ଲୋକଙ୍କ ବଜେଟରେ ବଳକା ହୋଇଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ସଂଗୀତା କୁମାରୀ ସିଂଦେଓ, ଡ. ମୂରଲୀକ୍ରୀଷ୍ଣା, ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଓ ଗୌରାଙ୍ଗ ନାଏକ ମଞ୍ଚାସୀନ ଥିଲେ। ଠିକ୍ ସେହିପରି ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିଥିବା ସେବାପକ୍ଷ ଉପଲକ୍ଷେ ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ କରାଯାଇ ସାଂସଦ ବିଭିନ୍ନ ବର୍ଗର ଲୋକଙ୍କ ସହିତ ମତବିନିମୟ କରିଥିଲେ। ବଲାଙ୍ଗୀର ବିକାଶ ପ୍ରସଙ୍ଗରେ ବୁଦ୍ଧିଜୀବୀଙ୍କ ମତ ନିଆଯାଇଥିଲା।



# ପୂର୍ତ୍ତବିଭାଗ ଅଧୀନକୁ ଆସିବ ସହର ଭିତର ରାଜପଥ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବଢୁଛି ସହର। ଲୋକସଂଖ୍ୟାରୁ ନେଇ ଗାଡ଼ି ସଂଖ୍ୟା ସବୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସକାଳୁ ରାତି ଟ୍ରାଫିକ୍ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଆଉ ଏଥିରେ ବଡ଼ ବାଧକ ସାଜୁଛି ସହର ଭିତରେ ଥିବା ଜାତୀୟ ରାଜପଥ। ରାଜ୍ୟ ସରକାର ଚାହିଁଲେ ବି ରାସ୍ତା ସମ୍ପ୍ରସାରଣ କରି ପାରୁନାହାନ୍ତି। ଯାହାର ସମାଧାନ ଲାଗି ପ୍ରଶାସନ ଅଣ୍ଟା ଭିଡ଼ିଛି। ଜାତୀୟ ରାଜପଥ ଜମିକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନା ଅନୁସାରେ ବ୍ରହ୍ମପୁର ସହର ଭିତର ଦେଇ ୫୯ ନମ୍ବର ଜାତୀୟ ରାଜପଥ ଯାଇଛି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ବିକାଶ ଓ ସମ୍ପ୍ରସାରଣ ପ୍ରତି ଧ୍ୟାନ ଦେଇନାହାନ୍ତି। ଜବରଦଖଲ କରି ସଂକୀର୍ଣ୍ଣ ହେଲାଣି। ରାସ୍ତା ଚଉଡ଼ା କରିବାକୁ ରାଜ୍ୟ ସରକାର ଚାହିଁଲେ ବି କରିପାରୁ ନାହାନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଚାହିଁଲେ ଏହାର ଉନ୍ନତି ହୋଇପାରିବ କହି ବାରମ୍ବାର ପ୍ରଶାସନ ଖସି ଯାଉଥିଲା। ହେଲେ ଏବେ ଜିଲ୍ଲାପାଳ ସମୀକ୍ଷା ବେଳେ ଏହା ଧରିଲେ। ଜାତୀୟ ରାଜପଥ ଦୃଷ୍ଟିରୁ ବିଏମ୍‌ସି କିମ୍ବା ପ୍ରଶାସନ ହସ୍ତକ୍ଷେପ କରୁନଥିବା ଜଣାପଡ଼ିଲା। ଯାହାକୁ ନେଇ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଗତ ୬ ତାରିଖରେ ଜାତୀୟ ରାଜପଥ ପ୍ରାଧିକରଣ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସହର ଭିତର ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଚିଠିଲେ ଉଲ୍ଲେଖ କରିଛନ୍ତି। ପୂର୍ତ୍ତ ବିଭାଗକୁ ଏହି ରାସ୍ତା ହସ୍ତାନ୍ତର ହେଲେ ସହରର ଭୀଷଣ ଟ୍ରାଫିକ୍ ଯନ୍ତ୍ରଣାରୁ ମୁକ୍ତି ମିଳିବ ବୋଲି କୁହାଯାଉଛି। ଇତିମଧ୍ୟରେ ବିଧାନସଭା ଷ୍ଟାଣ୍ଡିଂ କମିଟି-୩ ବ୍ରହ୍ମପୁର ସହର ଭିତରେ ୨ଟି ନୂଆ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ଲାଗି ପ୍ରସ୍ତାବ ଦେଇଛି। ଟାଟାବେଞ୍ଚ ଛକରୁ ଏମ୍‌କେସିଜି ଡ଼ାକ୍ତରଖାନା ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଗିରିରୋଡ୍ ପର୍ଯ୍ୟନ୍ତ ଦୁଇଟି ଫ୍ଲାଏ ଓଭର ବ୍ରିଜ୍ ହେବ। ଏଥିଲାଗି ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଥିଲେ ବି ଜାତୀୟ ରାଜପଥ ଜମି ହସ୍ତାନ୍ତର ନହେଲେ କାମ ହୋଇପାରିବ ନାହିଁ। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ ତୁରନ୍ତ ରାସ୍ତା ହସ୍ତାନ୍ତର କରିବା ଆବଶ୍ୟକ ହୋଇଛି। ସୂଚନାଯୋଗ୍ୟ, ନିକଟରେ ଜିଲ୍ଲାପାଳ ବ୍ରହ୍ମପୁର ସହର ରାସ୍ତାର ସମୀକ୍ଷା କରିଥିଲେ। କମାପଲ୍ଲୀରୁ ଟାଟା ବେଞ୍ଚ ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଗିରି ରୋଡ୍ ପର୍ଯ୍ୟନ୍ତ ରାସ୍ତା ଜାମ୍ ନେଇ ଭୀଷଣ ବିଗିଡ଼ିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ହସ୍ତାନ୍ତର କରିବା କ୍ଷଣି ପୂର୍ତ୍ତ ଡିଭିଜନ-୧ ଡିପିଆର୍ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ଝାରସୁଗୁଡ଼ା ଗସ୍ତ ସମୟରେ ବିଏସଏନଏଲ୍ ୪ଜି ସେବାର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ପିଆଇବି**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡ଼ା ଠାରେ ସାରା ଭାରତବର୍ଷ ପାଇଁ ବିଏସଏନଏଲ୍ ୪ଜି ସେବା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଅଛି। ବିଏସଏନଏଲ୍ ଦ୍ୱାରା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ୪ଜି ମୋବାଇଲ୍ ସେବାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟିକୋଣ ଥିଲା। ପ୍ରାୟ ୧ ଲକ୍ଷ ସ୍ଥାନରେ ୪ଜି ସେବା C-DoT କୋର, ତେଜସ୍ ନେଟୱାର୍କ ଏବଂ ଟିସିଏସ୍ ଦ୍ୱାରା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି ।

ବିଏସଏନଏଲ୍ ୪ଜି ନେଟୱାର୍କର ଦେଶବ୍ୟାପୀ ଶୁଭାରମ୍ଭ ସମ୍ପୂର୍ଣ୍ଣ 'ଆତ୍ମନିର୍ଭର' ୪ଜି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏବଂ ଏହି ସଫ୍ଟୱେର୍‌ରେ ୫ଜିକୁ ସହଜରେ ଅପଗ୍ରେଡ୍ କରାଯାଇପାରିବ। ଏହା କେବଳ ଏହାର ପୁରୁଣା ଗ୍ରାହକମାନଙ୍କୁ ନୁହେଁ ବରଂ ଡିଜିଟାଲ୍ ଦୁନିଆ ସହିତ କେବେ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକଙ୍କୁ ସାରା ଦେଶରେ ଦ୍ରୁତ ଗତି ସମ୍ପନ୍ନ ମୋବାଇଲ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବ। ଡିବିଏନ୍ (ଡିଜିଟାଲ୍ ଭାରତ ନିଧି – ଯାହା ପୂର୍ବରୁ ୟୁଏସଓଏଫ୍ ଥିଲା) ମୋବାଇଲ୍ ପ୍ରୋଜେକ୍ଟରେ ବିଏସଏନଏଲ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪୧୮୦ ଡିବିଏନ୍ ପାଣ୍ଠି ବିଶିଷ୍ଟ ୪ଜି ସାଇଟ୍, ଅନ୍ୟ ଟିଏସପି ମାଧ୍ୟମରେ ୪୭୨୩ ସାଇଟ୍ ଅନ୍ତର୍ଭୁକ୍ତ, ଯାହା ଭାରତର ୨୬୭୦୭ ଦୂରଦୂରାନ୍ତ ଗ୍ରାମରେ ପ୍ରାୟ ୨ ମିଲିୟନ୍ ପରିବାରକୁ ମୋବାଇଲ୍ ସେବା ସୁବିଧା ପ୍ରଦାନ କରିବ। ଓଡ଼ିଶାରେ, ବିଏସଏନଏଲ୍ ୨୪୭୨ଟି ଅପହଞ୍ଚ ଦୂରଦୂରାନ୍ତ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ୧୬୬୫ ଟି ଟାୱାର ନିର୍ମାଣ କରିସାରିଛି। ଦୃଢ଼ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରଗୁଡ଼ିକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜ୍ଜିତ କରାଯାଉଛି।

ସ୍ୱଦେଶୀ ୪ଜି ନେଟୱାର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି ଯାହା ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି। ସ୍ୱଦେଶୀ ୪ଜି ନେଟୱାର୍କର ପ୍ରଚଳନ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣ ସହିତ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ଯାହା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ, ବିଏସଏନଏଲ୍‌ର ୫ଜି ଅପଗ୍ରେଡ୍ ଏବଂ ଇଣ୍ଟିଗ୍ରେସନ ପାଇଁ ପଥ ପ୍ରଶସ୍ତ କରିବ।

# ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ ସମବାୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଉତ୍କର୍ଷତା ପାଇଁ ସମ୍ମାନିତ କରିଛି

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**




ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ସର୍ବବୃହତ ମହିଳା ନେତୃତ୍ୱାଧୀନ ସମବାୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ, ଶୁଭଲକ୍ଷ୍ମୀ ସମବାୟ ଦ୍ୱାରା ୪୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି, ଯାହାକୁ କମ୍ପାନୀ ଦ୍ୱାରା ବ୍ୟାପକ ଭାବରେ ସମର୍ଥିତ କରାଯାଇଛି। ଏହି ସମ୍ମାନ ଶିକ୍ଷାଗତ ପ୍ରତିଭାକୁ ସମ୍ମାନିତ କରିବା ଏବଂ ଏହି ଅଞ୍ଚଳରେ ଅଧିକ ଶିକ୍ଷାଗତ ଉତ୍କର୍ଷତା ପାଇଁ ଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ବାର୍ଷିକ କାର୍ଯ୍ୟକ୍ରମର ଅଂଶ ଥିଲା। ମହିଳା କଲ୍ୟାଣ ପାଣ୍ଠି ଅଧୀନରେ ୭୦ ପ୍ରତିଶତରୁ ପ୍ରଭାବଶାଳୀ ୯୬.୫ ପ୍ରତିଶତ ପର୍ଯ୍ୟନ୍ତ ସ୍କୋର ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ପୁରସ୍କାର ପ୍ରଦାନ କରାଯାଇଥିଲା, ଏହା ଏକ ଅନନ୍ୟ ସାମୁଦାୟିକ ପଦକ୍ଷେପ ଯାହା ଶୁଭଲକ୍ଷ୍ମୀ ସମବାୟର ମହିଳାମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ସୃଷ୍ଟି ଏବଂ ପରିଚାଳିତ। ଏହି ପାଣ୍ଠି କେବଳ ଆବଶ୍ୟକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରେ ନାହିଁ ବରଂ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ମାଇଲ ଖୁଣ୍ଟକୁ ମଧ୍ୟ ପାଳନ କରେ, ଯାହା ପ୍ରଦର୍ଶନ କରେ ଯେ କିପରି ସଶକ୍ତ ମହିଳାମାନେ ପରବର୍ତ୍ତୀ ପିଢ଼ି ପାଇଁ ସକ୍ରିୟ ଭାବରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛନ୍ତି।

ପୁରସ୍କାର ବଣ୍ଟନ ସମାରୋହରେ ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗର୍ଡ଼ିଆ; ଆଇଡିବିଆଇ ବ୍ୟାଙ୍କର ବ୍ୟାଙ୍କ ପରିଚାଳକ ଆଦିତ୍ୟ ପରିଡା; ଏବଂ ଶୁଭଲକ୍ଷ୍ମୀ ସମବାୟର ବରିଷ୍ଠ ସଦସ୍ୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଅଧ୍ୟକ୍ଷତା କରିଥିଲେ। ସେମାନେ ଶିକ୍ଷା କିପରି ଯୁବପିଢ଼ିଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ସମ୍ପ୍ରଦାୟ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିପାରିବ ସେ ବିଷୟରେ କହିଥିଲେ।

ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, 'ଶିକ୍ଷା ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଏବଂ ଆମେ ଶିକ୍ଷାକୁ ଅଧିକ ଅର୍ଥପୂର୍ଣ୍ଣ କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରି ଗର୍ବିତ। ଶୁଭଲକ୍ଷ୍ମୀ ସମବାୟ ମାଧ୍ୟମରେ, ଆମେ ସଶକ୍ତ ମହିଳା ଉଦ୍ୟୋଗୀମାନଙ୍କୁ କେବଳ ନିଜ ପାଇଁ ନୁହେଁ, ବରଂ ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରୁଥିବାର ଦେଖୁଛୁ। ଏହି ସମ୍ବର୍ଦ୍ଧନା ସମାରୋହ କିପରି ସମ୍ପ୍ରଦାୟ ନେତୃତ୍ୱାଧୀନ ପ୍ରୟାସ ସମଗ୍ର ପରିବେଶକୁ ଉନ୍ନତ କରିପାରିବ ଏବଂ ଦୀର୍ଘକାଳୀନ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ ତାହାର ଏକ ଶକ୍ତିଶାଳୀ ଉଦାହରଣ ଅଟେ।

ଶୁଭଲକ୍ଷ୍ମୀ ସମବାୟର ସଭାପତି ପଙ୍କଜିନୀ ଓରାମ କହିଛନ୍ତି, "ଆଜି ସମ୍ମାନିତ ହୋଇଥିବା ପ୍ରତ୍ୟେକ ପିଲା ପାଇଁ ଆମେ ଗର୍ବିତ। ଆମ ପରିବାର ପାଇଁ ଉନ୍ନତ ଜୀବନ ଗଠନ ପାଇଁ କଠିନ ପରିଶ୍ରମ କରିଥିବା ମହିଳା ଭାବରେ, ଆମେ ଶିକ୍ଷାର ମୂଲ୍ୟ ବୁଝୁଛୁ। ମହିଳା କଲ୍ୟାଣ ପାଣ୍ଠି ହେଉଛି ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ଉତ୍ସାହିତ କରିବାର ଏବଂ ସେମାନଙ୍କୁ ଜଣାଇବାର ଆମର ଏକ ଉପାୟ ଯେ ଆମେ ସେମାନଙ୍କୁ ସମର୍ଥନ କରିବା ପାଇଁ ଆଲ ପ୍ରୟାସ ଜାରି ରଖିଛୁ।

ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ ବିକାଶ ପଦକ୍ଷେପ ଅଧୀନରେ ପ୍ରତିଷ୍ଠିତ ଏବଂ ପାଳିତ, ଶୁଭଲକ୍ଷ୍ମୀ ସମବାୟ ସାମାଜିକ-ଆର୍ଥିକ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇଛି, ଯାହା ଉଦ୍ୟୋଗୀତା ବିକାଶ, ଦକ୍ଷତା-ନିର୍ମାଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ମାଧ୍ୟମରେ ଗ୍ରାମୀଣ ଓଡ଼ିଶାର ୫,୦୦୦ ରୁ ଅଧିକ ମହିଳାଙ୍କୁ ପ୍ରଭାବିତ କରିଛି। ଆର୍ଥିକ ପ୍ରଗତି ବ୍ୟତୀତ, ସମବାୟ ସକ୍ରିୟ ଭାବରେ ଶିକ୍ଷାଗତ ଉନ୍ନତି ପାଇଁ ପଥ ସୃଷ୍ଟି କରୁଛି, ବିଶେଷକରି ଅବହେଳିତ ସମ୍ପ୍ରଦାୟ ମଧ୍ୟରେ।

ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ନିର୍ବାହ, ଦକ୍ଷତା ବିକାଶ, ତୃଣମୂଳ କ୍ରୀଡ଼ା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ବେଦାନ୍ତ ଆଲୁମିନିୟମର ସାମାଜିକ ହସ୍ତକ୍ଷେପ, ଝାରସୁଗୁଡା ଏବଂ ଆଖପାଖର ପ୍ରାୟ ୭୦ଟି ଗ୍ରାମକୁ ପହଞ୍ଚାଇ ପ୍ରତିବର୍ଷ ୩.୫ ଲକ୍ଷରୁ ଅଧିକ ଲୋକଙ୍କୁ ଲାଭ ପହଞ୍ଚାଉଛୁ। ଏହିପରି ପଦକ୍ଷେପ ମାଧ୍ୟମରେ, କମ୍ପାନୀ ତୃଣମୂଳ ସ୍ତରରେ ବିକାଶକୁ ପ୍ରୋତ୍ସାହିତ କରି ଏକ ସ୍ଥାୟୀ ଭବିଷ୍ୟତକୁ ପୋଷଣ କରିବା ସହିତ ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଘୁଚାପ ଜନିତ ...

ଇଞ୍ଜିନିୟର ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବା ଆବଶ୍ୟକ । ଏହି ସମୟରେ ଜଳବନ୍ଦୀ ସମ୍ମୁଖୀନ ହେବାର ସମ୍ଭାବନା ଥିବା ଅଞ୍ଚଳରୁ ପାଣି ନିଷ୍କାସନ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ପକ୍ଷରୁ ଆଗୁଆ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ। ତୁରନ୍ତ ସହାୟତା ପାଇଁ ଓଡ୍ରାଫ ଏବଂ ଅଗ୍ନିଶମ ସେବା ୟୁନିଟଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷ କରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍ ଗୁଡିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପାହାଡିଆ ଅଞ୍ଚଳରେ ଭୂସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳ ଗୁଡିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଥିଲେ । ବିଶେଷକରି ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତା ମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବହୁମୁଖୀ ବନ୍ୟାବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ୍ ରଖାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧ ପତ୍ର, ସାପ କାମୁଡା ଇଞ୍ଜେକ୍ସନ, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ୍ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟାୟ ମୁକାବିଲାରେ ଓଡିଶାର ଦକ୍ଷତା ରହିଛି ଏବଂ ଜାତୀୟ ସ୍ତରରେ ରାଜ୍ୟ ପ୍ରଶଂସା ଅର୍ଜନ କରିଛି। ତେଣୁ ଏହି ଲଗାଣ ବର୍ଷା ଜନିତ ସମସ୍ୟାର ଠିକ୍ ଭାବେ ପରିଚାଳନା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । ଏହି ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ,ପାନୀୟ ଜଳ, ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ, ଶକ୍ତି ବିଭାଗର ପ୍ରମୁଖ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁର ଡି.ଆଇ.ଜି, ଏବଂ ବର୍ଷା ସମ୍ଭାବନା ଥିବା ୧୭ଟି ଜିଲ୍ଲାର ଜିଲ୍ଲାପାଳ, ଏସ୍.ପି, ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଏବଂ ପ୍ରମୁଖ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

## ଆଗାମୀ ନିର୍ବାଚନ...

ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବା ସହିତ ଏବଂ ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ, ୨୫.୦୯.୨୦୨୫ ତାରିଖ ସୁଦ୍ଧା ଫର୍ମ ୬, ୭, ଏବଂ ୮ ର ବିସ୍ଥାପନ , ବିଶେଷ ସଘନ ସଂଶୋଧନ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା , ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା, ନିର୍ବାଚନ ପଞ୍ଜିକରଣ ଅଧିକାରୀ /ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବ ସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ନେଇ ବୈଠକରେ ଆଲୋଚନା ହୋଇଥିଲା।

## ପ୍ରକାଶ ପାଇଲା...

ଅନୁସୂଚିତ ଜନଜାତି ବର୍ଗରେ ୭୨ (୨୨ - ମହିଳା), ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ ୦୯, କ୍ରୀଡାବିତ୍ ବର୍ଗରେ ୦୧ ଏବଂ ଶାରୀରିକ ଅକ୍ଷମ ବର୍ଗରେ ୨୭ (୦୮ - ମହିଳା) ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଛି । ଚୟନ ତାଲିକାରେ ମୋଟ ୧୪୪ ମହିଳା ପ୍ରାର୍ଥୀନୀଙ୍କୁ ସୁପାରିସ୍ କରାଯାଇଛି । ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ସମୁଦାୟ ୮୫୫୬୮ (୩୧୮୭୨-ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ ଏବଂ ଏହା ମଧ୍ୟରୁ ୩୬୨୧୬ (୧୩୫୬୬ - ମହିଳା) ପ୍ରାର୍ଥୀ ତା ୧୫.୧୨.୨୦୨୪ ରିଖରେ ଅନୁଷ୍ଠିତ ହୋଇଥିବା ପ୍ରାରମ୍ଭିକ ପରୀକ୍ଷା ଦେଇଥିଲେ । ୪୭୯୯ (୧୫୭୩ - ମହିଳା) ଜଣ ପରୀକ୍ଷାର୍ଥୀ ଏହି ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଓଡିଶା ସିଭିଲ ସର୍ଭିସ୍ (ମୁଖ୍ୟ) ପରୀକ୍ଷା, ୨୦୨୩ ର ଲିଖିତ ପରୀକ୍ଷା ତା ୧୯.୦୪.୨୦୨୫ ରିଖ ରୁ ତା ୨୭.୦୪.୨୦୨୫ ଏବଂ ୧୫.୦୫.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ପରୀକ୍ଷାରେ ୪୩୧୧ (୧୪୮୫ - ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ଏହା ମଧ୍ୟରୁ ୮୦୬ (୨୯୩-ମହିଳା) ପ୍ରାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତକାର ପରୀକ୍ଷା ପାଇଁ କଟକ ସ୍ଥିତ ଓଡିଶା ଲୋକସେବା ଆୟୋଗର କାର୍ଯ୍ୟାଳୟରେ ତା: ୦୬,୦୯.୨୦୨୫ ରିଖ ରୁ ତା ୧୮.୦୯.୨୦୨୫ ରିଖ ଅବଧି ମଧ୍ୟରେ ଡକାଯାଇଥିଲା । ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ-୨୦୨୩ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୩୯୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୪୪ ଜଣ ମହିଳା ଅଛନ୍ତି । ଏହି ପରୀକ୍ଷାରେ ପ୍ରିୟାଂଶୁ ପାଲ ଶୀର୍ଷ ସ୍ଥାନ ଦଖଲ କରିଥିବା ବେଳେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଜଣେ ମହିଳା ପରୀକ୍ଷାର୍ଥୀ ଅଛନ୍ତି। ପ୍ରିୟାଂଶୁ ପାଲ୍ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅନନ୍ୟା ମିଶ୍ର ଅଛନ୍ତି। ତୃତୀୟ ସ୍ଥାନରେ ଶୋଭନ୍ ପଟ୍ଟନାୟକ ଥିବା ବେଳେ ୪ର୍ଥ ସ୍ଥାନରେ ମୀର୍ଜା ଫୈଜ୍ ଅହମ୍ମଦ କାଦରି ଅଛନ୍ତି। ସେହିପରି ୫ମରେ ଚିନ୍ମୟ ସାହୁ, ୬ଷ୍ଠରେ ଅନ୍ତିମ ସ୍ୱାଇଁ, ୭ମରେ ଶୈଳେଶ କୁମାର ଭୋଇ , ୮ମରେ ମହମ୍ମଦ ନଜିଫ୍ ହାତିଫ୍, ୯ମରେ ଚିନ୍ମୟ ପାଢ଼ୀ ଏବଂ ୧୦ମ ସ୍ଥାନରେ ରହିଛନ୍ତି ମିଳନ ମହାପାତ୍ର।

## ସଫଳ ପରୀକ୍ଷାର୍ଥୀଙ୍କୁ ...

ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ପ୍ରଶାସନିକ ସେବା ଏକ ଗର୍ବର ବିଷୟ ଏବଂ ରାଜ୍ୟର ବିକାଶଧାରାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆପଣମାନେ ସ୍ୱଚ୍ଛ, ନିରପେକ୍ଷ ଓ ଲୋକାଭିମୁଖୀ ହୋଇ ତୃଣମୂଳସ୍ତରରୁ ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଆଶା କରୁଛି। ଆପଣମାନଙ୍କ ଭବିଷ୍ୟତ କାର୍ଯ୍ୟକାଳ ଉଜ୍ଜ୍ୱଳ ହେଉ ଏବଂ ବୃତ୍ତିଗତ ଜୀବନରେ ଆପଣମାନେ ଉନ୍ନତି କରନ୍ତୁ।

## ମିଗ୍ -୨୧ ...

ନୁହେଁ ବରଂ ସର୍ବାଧିକ ସଂଖ୍ୟକ ପାଇଲଟ୍ ମୃତ୍ୟୁ ପାଇଁ ମଧ୍ୟ ମନେ ରହିବ। ଚଣ୍ଡିଗଡ଼ ଏୟାରବେସରେ ମିଗ୍-୨୧କୁ ବିଦାୟ ଦିଆଯିବା ପରେ ଏବେ ବାୟୁସେନାର ନୂତନ ଶକ୍ତି ଭାବରେ ସ୍ୱଦେଶୀ ହାଲୁକା ଯୁଦ୍ଧ ବିମାନ ତେଜସ୍ ମାର୍କ-୧ଏ ଏହାର ସ୍ଥାନ ନେବ । ୧୯୬୩ ମାର୍ଚ୍ଚରେ ଭାରତୀୟ ବାୟୁସେନାରେ ସାମିଲ୍ ହୋଇଥିବା ପ୍ରଥମ ସୁପରସୋନିକ୍ ବିମାନ ମିଗ୍-୨୧ ଏବେ ୬୦ ବର୍ଷ ପୂରଣ କରିଛି। ୫୦ ବର୍ଷ ଧରି ଦେଶକୁ ସେବା ପ୍ରଦାନ କରିବା ପରେ, ଏହାକୁ ଡିସେମ୍ବର ୧୧, ୨୦୧୩ରେ ଅବସର ଦିଆଯାଇଥିଲା। ତଥାପି, ୧୯୭୦ ଦଶକରୁ, ମିଗ୍-୨୧ ସୁରକ୍ଷା ପ୍ରସଙ୍ଗରେ ଜର୍ଜରିତ ହୋଇଛି, ଯାହା ଫଳରେ ଦୁର୍ଘଟଣା ଘଟି ୧୭୦ ରୁ ଅଧିକ ଭାରତୀୟ ପାଇଲଟ୍ ଏବଂ ୪୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ୧୯୬୬ ରୁ ୧୯୮୪ ମଧ୍ୟରେ, ୮୪୦ ବିମାନ ମଧ୍ୟରୁ ପ୍ରାୟ ଅଧା ଦୁର୍ଘଟଣାରେ ନଷ୍ଟ ହୋଇଯାଇଥିଲା। ଏହି ବିମାନଗୁଡ଼ିକ ମଧ୍ୟରୁ ଅଧିକାଂଶ ଇଞ୍ଜିନରେ ନିଆଁ ଲାଗିଥିଲା କିମ୍ବା ଛୋଟ ପକ୍ଷୀ ସହିତ ଧକ୍କା ଯୋଗୁଁ ନଷ୍ଟ ହୋଇଯାଇଥିଲା। ମିଗ୍-୨୧ ର ବାରମ୍ବାର ଦୁର୍ଘଟଣା ଯୋଗୁଁ ଏହାକୁ 'ଉଡ଼ନ୍ତା କଫିନ୍' କୁହାଯାଉଥିଲା । ଏହାର ଚପଳତା, ସଠିକ୍ ଆକ୍ରମଣ ଏବଂ ଉଚ୍ଚ ଗତି ଯୋଗୁଁ ପାଇଲଟମାନଙ୍କ ପ୍ରଥମ ପସନ୍ଦ ଥିବା ମିଗ୍-୨୧ କୁ ପରବର୍ତ୍ତୀ ସମୟରେ ମିଗ୍-୨୧ ବାଇସନ ରୂପରେ ଅପଗ୍ରେଡ୍ କରାଯାଇଥିଲା। ରଷୀୟ କମ୍ପାନୀ ୧୧,୪୯୬ଟି ମିଗ୍-୨୧ ଉତ୍ପାଦନ କରିବା ପରେ, ନିଜର ଶେଷ ମିଗ୍-୨୧ କୁ ମିଗ୍ ବାଇସନ ରୂପରେ ୧୯୮୫ ରେ ଅପଗ୍ରେଡ୍ କରିଥିଲା । ଏହି ଉନ୍ନତ ମଡେଲଟି ପୂର୍ବ ମିଗ୍-୨୧ ବେରିଏଣ୍ଟର ଅନେକ ତ୍ରୁଟିକୁ ଦୂର କରିଥିଲା। ରୁଷୀୟ କମ୍ପାନୀ ଭାରତୀୟ ବାୟୁସେନାରେ ଥିବା ବାକି ୫୪ଟି ମିଗ୍-୨୧କୁ ମିଗ୍-୨୧ ବାଇସନ ରୂପରେ ଅପଗ୍ରେଡ୍ କରିଥିଲା।

## ପୁଣି ନୂଆ ...

ସୋସିଆଲ ମିଡ଼ିଆ ପୋଷ୍ଟରେ ସୂଚନା ଦେଇଛନ୍ତି ଟ୍ରମ୍ପ । ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ନିଷ୍ପତ୍ତି ପାଇଁ ଭାରତୀୟ ଔଷଧ ନିର୍ମାତାମାନଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ । କାରଣ ଆମେରିକାକୁ ଭାରତ ପ୍ରତିବର୍ଷ ପ୍ରାୟ ୮୩୦୦୦କୋଟି ଟଙ୍କା ଔଷଧ ରପ୍ତାନି କରିଥାଏ । ୧୦୦% ଶୁଳ୍କ ଲାଗୁ ହେଲେ ଭାରତରୁ ଆମେରିକାକୁ ଯାଉଥିବା ଜେନେରିକ୍ ଔଷଧର ଦର ବହୁତ ବଢିଯିବ । ଏଥିପାଇଁ ସନ୍ ଫାର୍ମା, ଡକ୍ଟର ରେଡ୍ଡି, ସିପ୍ଲା, ଲୁପିନ୍ ପରି ବଡ କମ୍ପାନୀଗୁଡିକ ଉପରେ ଗଭୀର ଭାବେ ପ୍ରଭାବ ପଡିପାରେ ।

## ରାଜ୍ୟରେ ଭୀଷଣ ...

ନେଇ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରିହୋଇଥିବା ବେଳେ ପ୍ରବଳ ବର୍ଷାକୁ ନେଇ ଯାଜପୁର, ଭଦ୍ରକ,ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେଓଗଡ଼, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଏହି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଶନିବାର ନବରଙ୍ଗପୁରରେ ମଧ୍ୟ ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି ହୋଇଛି। ୨୮ ତାରିଖ ଯାଏ ବର୍ଷା ଲାଗିରହିବ। ଏହାସହ ମେଘୁଆ ପାଗ ସହ ସମୁଦ୍ର ଉପକୂଳରେ ଘଣ୍ଟା ପିଛା ପବନ ୪୦ରୁ ୬୦ କିମିରେ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ୨୮ ତାରିଖ ଯାଏଁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ଷ୍ଟକ ବଜାରରେ...

ଟ୍ରମ୍ପ ପ୍ରଶାସନ ପ୍ୟାଟେଣ୍ଟ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଟାରିଫ ବସାଇଥିଲା । ଏହାର ପ୍ରଭାବରେ ଭାରତୀୟ ଫାର୍ମା କମ୍ପାନୀମାନଙ୍କ ସେୟାରରେ ବଡ଼ଧରଣର ହ୍ରାସ ଦେଖାଦେଇଛି ।

# ନବରାତ୍ରି ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ

**ନୂଆଦିଲ୍ଲୀ**

ବର୍ତ୍ତମାନ ନବରାତ୍ରୀ ଚାଲିଥିବା ହେତୁ ଚାରିଆଡ଼େ ବିଭିନ୍ନ ପ୍ରକାର ନୃତ୍ୟ ସଂଗୀତର ଆସର ଚାଲିଛି। ଆଗ୍ରହୀ ଜନତା ନିଜର ସମସ୍ତ କାମ ପକାଇ ଏଥିରେ ଅଂଶଗ୍ରହଣ କରି ଆନନ୍ଦ ଉଠାଉଛନ୍ତି। ତେବେ ଦେଖାଯାଉଛି ଯେ ଏହି ନୃତ୍ୟ, ସଂଗୀତ କିଛିଜଣଙ୍କ ପାଇଁ ଦୁଃଖଦାୟକ ପାଲଟିଯାଉଛି। କେତେକଙ୍କର ହୃଦ୍‌ଘାତ ହେବାର ଖବର ମିଳିଛି। ନବରାତ୍ରି କାର୍ଯ୍ୟକ୍ରମରେ ହୃଦ୍‌ଘାତ ବୃଦ୍ଧି ପାଇବା ହେତୁ, ଜଣେ ହୃଦ୍‌ରୋଗ ବିଶେଷଜ୍ଞ ଗରବା ଏବଂ ଡାଣ୍ଡିଆ ରାତିରେ ସତର୍କତା ଅବଲମ୍ବନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଡକ୍ଟର ହରେଶ ମେହେଟ୍ଟା ଚେତାବନୀ ଦେଇଛନ୍ତି ଯେ ତୀବ୍ର ଶାରୀରିକ ପରିଶ୍ରମ, ଡିହାଇଡ୍ରେସନ୍ ଏବଂ ପୂର୍ବରୁ ଥିବା ହୃଦ୍‌ରୋଗର କାରଣ ଏକ ବିପଜ୍ଜନକ ହୋଇପାରେ, ବିଶେଷକରି ଭିଡ଼ ସ୍ଥାନରେ। ଭିଡ଼ ସ୍ଥାନରେ ମୁକ୍ତ ବାୟୁ ସେବନ ପାଇଁ ବାଧା ଉପୁଜିଥାଏ ଯେଉଁଥିପାଇଁ ହୃଦ୍‌ଘାତର ଶିକାର ହେବାକୁ ହୋଇଥାଏ। ନିଜ ନିଜର ସୁରକ୍ଷା ପାଇଁ, ସେ ସୁପାରିସ କରନ୍ତି: ଡାକ୍ତରୀ ସ୍କ୍ରିନିଂ: ୩୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି କିମ୍ବା ହୃଦ୍‌ରୋଗର ପରିବାର ଇତିହାସ ଥିବା ବ୍ୟକ୍ତିମାନଙ୍କର ଏକ ଇସିଜି ସମେତ ହୃଦ୍‌ରୋଗ ସ୍କ୍ରିନିଂ କରାଯିବା ଉଚିତ। ୱାର୍ମ-ଅପ୍: ନାଚିବା ପୂର୍ବରୁ, ୧୦-୧୫ ମିନିଟ୍ ହାଲୁକା କାର୍ଡିଓ ଏବଂ ଷ୍ଟ୍ରେଚିଂ କରନ୍ତୁ। ଜଳୀୟ ଅଂଶ ଠିକ୍ ରଖିବା ପାଇଁ ପ୍ରତି ୧୫-୨୦ ମିନିଟରେ ପାଣି ପିଅନ୍ତୁ ଏବଂ ମଦ୍ୟପାନ ଓ କ୍ୟାଫିନ ପରିହାର କରନ୍ତୁ। ବିଶ୍ରାମ: ଅଂଶଗ୍ରହଣ କରିବା ପୂର୍ବରୁ ୭-୮ ଘଣ୍ଟା ଶୋଇବା ଉଚିତ। ପ୍ରଚୁର ବିଶ୍ରାମ କରିଥିଲେ ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ଆପଣ ଏହିସବୁ କାର୍ଯ୍ୟକ୍ରମରୁ ଆନନ୍ଦ ଉଠାଇପାରିବେ। ଆପଣଙ୍କର ସ୍ୱାସ୍ଥ୍ୟ ବିଷୟରେ ଜାଣନ୍ତୁ: ଯଦି ଆପଣ ଛାତିରେ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, କିମ୍ବା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି, ତେବେ ତୁରନ୍ତ ଏପରି କାର୍ଯ୍ୟକ୍ରମକୁ ଯିବା ବନ୍ଦ କରନ୍ତୁ। ବରଂ ଘରେ ରହି ବିଶ୍ରାମ ନିଅନ୍ତୁ। ଜରୁରୀକାଳୀନ ପ୍ରତିକ୍ରିୟା: ଛାତିରେ ଯନ୍ତ୍ରଣା ହେଲେ, ତୁରନ୍ତ ଡାକ୍ତରୀ ପରାମର୍ଶ ନିଅନ୍ତୁ। ଡକ୍ଟର ମେହେଟ୍ଟା ଗୁରୁତ୍ୱାରୋପ କରିଛନ୍ତି ଯେ ସମୟୋଚିତ ସ୍କ୍ରିନିଂ ଏବଂ କିଛି ସରଳ ସତର୍କତା ଅଧିକାଂଶ ହୃଦ୍‌ଘାତକୁ ରୋକିପାରିବ, ଯାହା ଦ୍ୱାରା ସମସ୍ତେ ସୁରକ୍ଷିତ ଭାବରେ ଉତ୍ସବ ପାଳନ କରିପାରିବେ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଇ-ସୂଚୀ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରରେ ଓଡ଼ିଶାର ୩୦ ଜିଲ୍ଲାରୁ ଚୟନିତ ୫୮ ଜଣ ମାଧ୍ୟମିକ ଶିକ୍ଷକଙ୍କର ପାଞ୍ଚଦିନ ବ୍ୟାପୀ ଇ-ସୂଚୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଓଡ଼ିଶାର ମାଧ୍ୟମିକ ଶିକ୍ଷକମାନଙ୍କୁ ପାଞ୍ଚଦିନ ବ୍ୟାପୀ ଇ-ସୂଚୀ ଉପରେ ପ୍ରଶିକ୍ଷଣ ଦିଆଯାଇଛି, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାରା କର୍ମଶାଳା ଉଦଘାଟନ ହୋଇଥିଲା, କାର୍ମିଶାଳାରେ ଲେଫ୍ଟନାଣ୍ଟ (ପ୍ରଫେସର) ରଶ୍ମିରେଖା ସେଠୀ ଉପସ୍ଥିତ ରହିଥିବାବେଳେ ଶିକ୍ଷା ବିଭାଗର ପ୍ରଫେସର ରମାକାନ୍ତ ମହାଳିକ କର୍ମଶାଳାକୁ ପରିଚାଳନା ତଥା ସଂଯୋଜନା କରିଥିଲେ।

ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବରେ ଓମ୍ ପ୍ରକାଶ ମିଶ୍ର, ଡଃ ଅଚ୍ୟୁତାନନ୍ଦ ଗିରି, ପ୍ରଫେସର ଶରତ କୁମାର ରାଉତ, ମୌସୁମୀ ମହାପାତ୍ର ବିଭିନ୍ନ ଅଧିବେଶନରେ ମାଧ୍ୟମିକ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରର ଇ-କାର୍ଯ୍ୟକ୍ରମର ପ୍ରସ୍ତୁତି, ସଂକ୍ଷିପ୍ତିକରଣ, କାର୍ଯ୍ୟକ୍ରମ ରଚନା ଓ ସମ୍ପାଦନା, ଏହାସହିତ ଶ୍ରାବ୍ୟ ଓ ଦୃଶ୍ୟ-ଶ୍ରାବ୍ୟ ଉପକରଣର ଉପଯୋଗକରିବା ଯେପରି ଫିଲମୋରା, ଅଡାସିଟି, ଲେସିକ୍ସ ଆଦି ଉପକରଣ ର ବ୍ୟବହାର ସହ ଷ୍ଟୁଡିଓ ସଞ୍ଚାଳନ ଓ ପରିଚାଳନା, ଷ୍ଟୁଡିଓ ମାଧ୍ୟମରେ ଆଭାସି-କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ପ୍ରସାରଣ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଏହାସହିତ ପ୍ରତିଷ୍ଠାନର ଷ୍ଟୁଡିଓରେ ପ୍ରଶିକ୍ଷକମାନଙ୍କୁ ଇ-ସୂଚୀ ପ୍ରସ୍ତୁତିର ଅଭିଜ୍ଞତା ପ୍ରଦାନ କରାଯାଇଛି ।ଏହି କର୍ମଶାଳାରୁ ହାସଲ କରିଥିବା ଅଭିଜ୍ଞତାକୁ ନିଜନିଜ ଶିକ୍ଷାଦାନରେ ପ୍ରୟୋଗ କରିବାର ଜ୍ଞାନ ସେମାନେ ଅର୍ଜନ କରିଛନ୍ତି, ଯାହା ଓଡ଼ିଶାର ମାଧ୍ୟମିକ ଶିକ୍ଷାର ଇ-ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ।ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ସମସ୍ତଙ୍କୁ ପ୍ରଶିକ୍ଷଣ ପରିସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯାଇଛି।




ଭୁବନେଶ୍ୱର : ସମବାୟ ବିଭାଗ ସାଂସ୍କୃତିକ ପରିଷଦ ତରଫରୁ ଶୁକ୍ରବାର ଦଶହରା ପର୍ବର ଅବ୍ୟବହିତ ପୂର୍ବରୁ ମା'ଦୁର୍ଗାଙ୍କୁ ମନେପକେଇ ଶାରଦୀୟ ଉତ୍ସବ ପାଳନ କରାଯାଇଥିଲା। ଏହି ପାର୍ବଣ ଅବସରରେ ସତ୍ୟର ଉପରେ ବିଜୟର ସନ୍ଦେଶ ଦେବା ସହ ଏକତାର ସ୍ମରଣ କରାଯାଇଥିଲା। ଆଗାମୀ ଦିନଗୁଡ଼ିକରେ ସମସ୍ତ ସହକର୍ମୀଙ୍କ ପାଇଁ ଖୁସି ଓ ସମୃଦ୍ଧି ଆଣିବା ନିମନ୍ତେ କାମନା କରାଯାଇଥିଲା। ଏହି ଅବସରରେ ସମବାୟ ବିଭାଗ ସାଂସ୍କୃତିକ ପରିଷଦର ସଭାପତି କେ. ରବିକୁମାର ଓ ସାଧାରଣ ସମ୍ପାଦକ ଇଲାପ କୁମାର ସ୍ୱାଇଁ ଉପସ୍ଥିତ ରହି ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ଉତ୍ସାହିତ କରିଥିଲେ। (ଫଟୋ : ସମ୍ବାଦ କଳିକା)

# ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟର ସରକାରୀ ଉଦ୍ୟୋଗର କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି।

# ଓଏଏସ୍ ପାଇଲେ ଶାଶ୍ୱତୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୦୨୩-୨୪ ମସିହା ଓଡ଼ିଶା ପ୍ରଶାସନିକସେବା ପରୀକ୍ଷାରେ ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦନପୁର ଗ୍ରାମର ସ୍ୱର୍ଗତ ଦୟାନିଧି ପଟ୍ଟନାୟକ ଏବଂ ସରୋଜିନୀ ପଟ୍ଟନାୟକଙ୍କର ନାତୁଣୀ ତଥା ଦେବୀ ପ୍ରସାଦ ପଟ୍ଟନାୟକ ଏବଂ ଶିକ୍ଷିକା ମମିତା ମହାନ୍ତିଙ୍କର ଏକମାତ୍ର କନ୍ୟା ଶାଶ୍ୱତୀ ପଟ୍ଟନାୟକ (ଗୁଡ଼ି) ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ୩୪ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଶ୍ରୀମତୀ ପଟ୍ଟନାୟକ ପ୍ରାଥମିକ ଶିକ୍ଷା କେନ୍ଦ୍ରୀୟ ବିଦ୍ୟାଳୟ-୨ ଭୁବନେଶ୍ୱର, ବିଏସ୍‌ସି ଏଜି (ଓୟୁଏଟି) ଭୁବନେଶ୍ୱର ଏବଂ ଏମ୍‌ଏସ୍‌ସି ଏଜି (କାନପୁର)ରୁ ଶିକ୍ଷା ସମାପ୍ତ ପରେ ଦୀର୍ଘ ଏକ ବର୍ଷ ହେଲା ପ୍ରଶାସନିକ ପରୀକ୍ଷାରେ ନିଜକୁ ପ୍ରସ୍ତୁତ କରୁଥିଲେ। ଶାଶ୍ୱତୀ ଏହି ସଫଳତା ପ୍ରଥମ ପ୍ରଚେଷ୍ଟାରେ ହିଁ ହାସଲ କରିଛନ୍ତି। ତାଙ୍କର ଏହି କୃତକାର୍ଯ୍ୟ ପାଇଁ ଜଟଣୀ ଅଞ୍ଚଳ ତଥା ମଦନପୁର ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଛି।

# ବିଜେପି ରାଷ୍ଟ୍ରହିତକୁ ସର୍ବୋପରି ରଖେ : ଅମିତ ଶାହ

**ବେତିୟା, ୨୬।୯**

ପଶ୍ଚିମ ଚମ୍ପାରଣର ବେତିୟା ସ୍ଥିତ କୁମାରବାଗ ଷ୍ଟିଲ ଫ୍ୟାକ୍ଟ୍ରି ପ୍ରାଙ୍ଗଣରେ ଶୁକ୍ରବାର ଦିନ ଭାରତୀୟ ଜନତା ପାର୍ଟି(ବିଜେପି)ର ଚମ୍ପାରଣ ଏବଂ ସାରଣ କ୍ଷେତ୍ରର ବୈଠକ ଆୟୋଜିତ କରାଯାଇଛି। ଏହି ବୈଠକକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମ୍ବୋଧିତ କରିଛନ୍ତି ଏବଂ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି ହୋଇ ଆଗାମୀ ବିଧାନସଭାରେ ଏକଜୁଟ ହେବାର ଆହ୍ୱାନ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବୈଠକକୁ ସମ୍ବୋଧିତ କରି କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଯୋଜନା ଏବଂ ଉପଲବ୍ଧିକୁ ସାଧାରଣ ଜନତା ପର୍ଯ୍ୟନ୍ତ ପହଞ୍ଚାଇବା ସମସ୍ତ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପ୍ରଥମ ଦାୟିତ୍ୱ। ସେ କାର୍ଯ୍ୟକର୍ତ୍ତାମାନଙ୍କୁ ଅପିଲ କରିଛନ୍ତି ଯେ ସେମାନେ ଘରକୁ ଘର ଯାଇ ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହୋଇଥିବା ବିକାଶ କାର୍ଯ୍ୟ ବିଷୟରେ ଅବଗତ କରାନ୍ତୁ ଏବଂ ସଂଗଠନକୁ ମଜବୁତ କରିବାରେ ନିଜର ଭୂମିକା ନିର୍ବାହ କରନ୍ତୁ।

GOVT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION SONEPUR
O-890
1st Corrigendum
Letter No 3868 Dtd. 25.09.2025
In continuation to this office tender identification No. SNPR/Online 02 of 2025-26 invited vide this office letter no. 3804 dtd. 22.09.2025, under unavoidable circumstances partial modification of TCN has been made as follows.

| Sl. No | Tender identification No | Items | Time Schedule as per original TCN | Time Schedule as per 1st Corrigendum notice |
|---|---|---|---|---|
| 1 | | 2 | 3 | 4 |
| 1 | Bid identification SNPR/Online-02 of 2025-26 | Availability of Tender on-line for bidding | 25.09.2025 at 11.00. A.M. to 04.10.2025 up to 5.00 P.M. | 25.09.2025 at 11.00. A.M. to 13.10.2025 up to 5.00 P.M. |
| 2 | | Date & time of seeking tender clarification | 03.10.2025 up to 4.00 P.M. | 10.10.2025 up to 4.00 P.M. |
| 3 | | Date & time of opening of tender | 06.10.2025 at 11.00 A.M | 14.10.2025 at 11.00 A.M |

Sd/- Executive Engineer,
Rural Works Division, Sonepur
OIPR-25054/11/0036/2526

ଭୁବନେଶ୍ୱର
୨୭ ସେପ୍ଟେମ୍ବର,
ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ଼ ଡିପୋଜିଟ୍

ଭୁବନେଶ୍ୱର, ୨୬।୯
ନ୍ୟୁଜ୍‌ବ୍ୟୁରୋ

ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ



ବିନିଯୋଗ କରିଥିବା ଟଙ୍କାକୁ ମାଚ୍ୟୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବନାହିଁ ଯେ ଆବେଦନକାରୀଙ୍କୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ରାଜ୍ୟ ସରକାରଙ୍କର ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ହେବ ସ୍କ୍ରାପ

ଭୁବନେଶ୍ୱର, ୨୬।୯:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟ ସରକାରଙ୍କ ଅଧୀନରେ ଯେତେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଅଛି ସେଗୁଡ଼ିକୁ ଅକ୍ଟୋବର ୧୫ ସୁଦ୍ଧା ସ୍କ୍ରାପିଂ କରାଯିବ। 'ବାହନ' ତଥ୍ୟ ଅନୁଯାୟୀ, ଏବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ୬୨୪୧ଟି ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଥିବାବେଳେ ସେଗୁଡ଼ିକୁ ନିକଟସ୍ଥ ପଞ୍ଜୀକୃତ ଗାଡ଼ି ସ୍କ୍ରାପିଂ ସୁବିଧା କେନ୍ଦ୍ରକୁ ନେଇ ତୁରନ୍ତ ସ୍କ୍ରାପିଂ କରିବାକୁ କୁହାଯାଇଛି। କେଉଁ ବିଭାଗ କେତେ ଗାଡ଼ି ସ୍କ୍ରାପିଂ କଲେ ତା'ର ଏକ ରିପୋର୍ଟ ପରିବହନ ବିଭାଗକୁ ପଠାଇବେ। ଏହି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପଠାଇଲେ ଅର୍ଥ ମନ୍ତ୍ରଣାଳୟର ସହାୟତା ମିଳିବ। ଏ ନେଇ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ବିଭାଗ ସଚିବଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି।

## କୋଲକାତାର ପ୍ରସିଦ୍ଧ କାଳୀଘାଟ ମନ୍ଦିରରେ ପୂଜା କଲେ ଗୃହମନ୍ତ୍ରୀ ଅମିତ ଶାହ

କୋଲକାତା, ୨୬।୯

ପଶ୍ଚିମବଙ୍ଗରେ ଦୁର୍ଗାପୂଜା ଉତ୍ସାହ ମଧ୍ୟରେ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସନ୍ତୋଷ ମିତ୍ର ସ୍କୋୟାର ଦୁର୍ଗାପୂଜା ମଣ୍ଡପ ଉଦ୍‌ଘାଟନ କରିବା ପରେ ପ୍ରସିଦ୍ଧ କାଳୀଘାଟ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀ ଶାହ ଦେବୀ କାଳୀଙ୍କ ଆଶୀର୍ବାଦ ନେଇଥିଲେ ଏବଂ ମନ୍ଦିରର ପୁରୋହିତମାନେ ବୈଦିକ ମନ୍ତ୍ର ଓ ପାରମ୍ପରିକ ରୀତିନୀତି ସହିତ ଏକ ବିଶେଷ ପୂଜା କରିଥିଲେ।

ନବରାତ୍ରି ଅବସରରେ ଅମିତ ଶାହଙ୍କ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ପୂଜା ସମୟରେ, ସେ ଦେଶ ଏବଂ ପଶ୍ଚିମବଙ୍ଗ ପାଇଁ ସମୃଦ୍ଧି ଏବଂ ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ବିଜେପି ନେତାମାନେ ବିଶ୍ୱାସ କରନ୍ତି



ଯେ, ନବରାତ୍ରିର ଏହି ପବିତ୍ର ଅବସରରେ ଶ୍ରୀ ଶାହଙ୍କ କାଳୀଘାଟ ମନ୍ଦିର ଗସ୍ତ କେବଳ ଧାର୍ମିକ ଭାବନା ସହିତ ଜଡ଼ିତ ନୁହେଁ ବରଂ ବଙ୍ଗଳାର ସାଂସ୍କୃତିକ ଐତିହ୍ୟ ପ୍ରତି ସମ୍ମାନର ବାର୍ତ୍ତା ମଧ୍ୟ।

## ନାଲ୍‌କୋର ୪୪ତମ ବାର୍ଷିକ ସାଧାରଣ ବୈଠକ

# ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ ନିମନ୍ତେ ଅତ୍ୟାଧୁନିକ ପ୍ରଯୁକ୍ତି ସହ ସ୍ୱଚ୍ଛ ଶକ୍ତି ବ୍ୟବହାର ଉପରେ ସିଏମଡିଙ୍କ ଗୁରୁତ୍ୱ




ଭୁବନେଶ୍ୱର, ୨୬।୯
ନ୍ୟୁଜ୍‌ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଏହାର ୪୪ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭର୍ଚ୍ୟୁଆଲ୍ ମୋଡରେ ସେୟାରହୋଲ୍ଡରମାନଙ୍କୁ ସମ୍ବୋଧିତ କରି ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସେମାନଙ୍କ ନିରନ୍ତର ବିଶ୍ୱାସ ଏବଂ ଏକତା ପାଇଁ ହୃଦୟର ସହିତ କୃତଜ୍ଞତା ଜଣାଇଥିଲେ। କମ୍ପାନୀର ସଫଳ ଯାତ୍ରା ନିମନ୍ତେ ନାଲ୍‌କୋ ପରିବାରର ପ୍ରଚେଷ୍ଟା ଏବଂ ଦୂରଦୃଷ୍ଟିକୁ ମଧ୍ୟ ସେ ପ୍ରଶଂସା କରିଥିଲେ ଯାହା କମ୍ପାନୀକୁ ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରିଛି।

ଶ୍ରୀ ସିଂହ ନିଜ ଅଭିଭାଷଣରେ ନାଲ୍‌କୋର କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତକୁ ଏକ ଶକ୍ତିଶାଳୀ ଦେଶ ଭାବେ ଗଢିବାର ଯାତ୍ରାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ଶ୍ରୀ ସିଂହ ଭାରତୀୟ ଆଲୁମିନିୟମ କ୍ଷେତ୍ରର ଅପାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିବା ସହ କହିଥିଲେ ଯେ, ୨୦୩୦ ପର୍ଯ୍ୟନ୍ତ ଘରୋଇ ଚାହିଦା ୭.୬ ପ୍ରତିଶତ ହାରରେ ବୃଦ୍ଧି ହେବାର ଆକଳନ କରାଯାଉଛି। ଏହି ବୃଦ୍ଧି ମୁଖ୍ୟତଃ ବୈଦ୍ୟୁତିକ ଯାନବାହନର ବୃଦ୍ଧି, ଦ୍ରୁତ ଭିତ୍ତିଭୂମି ବିକାଶ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରର ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହେବ। ଏହି ସୁଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ତ୍ୱରିତ ପ୍ରଯୁକ୍ତିବିଦ୍ୟା ସଂଯୋଗୀକରଣ, ସ୍ୱଚ୍ଛ ତଥା ଅକ୍ଷୟ ଶକ୍ତିର ବ୍ୟବହାର, ମୂଲ୍ୟ ସଂଯୋଗୀକରଣ ଏବଂ ବିଶ୍ୱ ବଜାରରେ ଅସ୍ଥିରତାକୁ ସାମ୍ନା କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଶ୍ରୀ ସିଂହ ମଧ୍ୟ ନିରନ୍ତର ଅଭିବୃଦ୍ଧି, ନବସୃଜନ ଏବଂ ରଣନୈତିକ ଯୋଜନା ଉପରେ ନାଲ୍‌କୋର କାର୍ଯ୍ୟଧାରା ତଥା ଜାତୀୟ ବିକାଶ ଏବଂ ବିଶ୍ୱ ଆଲୁମିନିୟମ ପରିଦୃଶ୍ୟରେ କମ୍ପାନୀର ଅର୍ଥପୂର୍ଣ୍ଣ ଯୋଗଦାନ ନିମନ୍ତେ ଦୃଢ ମତ ପ୍ରକାଶ କରିଥିଲେ। ବାର୍ଷିକ ସାଧାରଣ ବୈଠକରେ କମ୍ପାନୀ ସଚିବଙ୍କ ସହିତ କାର୍ଯ୍ୟାତ୍ମକ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ମାନେ ମଧ୍ୟ ଉପସ୍ଥିତ ଥିଲେ। ସେୟାର ଧାରକମାନେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ୨.୫୦ଙ୍କାର ଚୂଡ଼ାନ୍ତ ଲାଭାଂଶକୁ ଅନୁମୋଦନ କରିଥିଲେ ଯାହାର ପରିମାଣ ୪୫୯.୧୬ କୋଟି ଟଙ୍କା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ୧୯୨୮.୪୬ କୋଟି ଟଙ୍କା ହୋଇଛି।

## ଜାତୀୟ ଭୂବିଜ୍ଞାନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି




ନୂଆଦିଲ୍ଲୀ, ୨୬।୯

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଭୂତତ୍ତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ଭୂବିଜ୍ଞାନ ପୁରସ୍କାର ୨୦୨୪ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏକ ଉତ୍ସବରେ ରାଷ୍ଟ୍ରପତି କହିଛନ୍ତି ଯେ, ମାନବ ସଭ୍ୟତାର ବିକାଶରେ ଖଣିଜ ପଦାର୍ଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୃଥିବୀ ପୃଷ୍ଠରେ ଉପସ୍ଥିତ ଖଣିଜ ପଦାର୍ଥଗୁଡ଼ିକ ମାନବ ଜୀବନର ମୂଳଦୁଆ ପ୍ରଦାନ କରିଛି ଏବଂ ଆମର ବାଣିଜ୍ୟ ଏବଂ ଶିଳ୍ପକୁ ଆକୃତି ଦେଇଛି। ପ୍ରସ୍ତର ଯୁଗ, ବ୍ରୋଞ୍ଜ ଯୁଗ ଏବଂ ଲୌହ ଯୁଗ - ମାନବ ସଭ୍ୟତାର ବିକାଶର ପ୍ରମୁଖ ପର୍ଯ୍ୟାୟ - ଖଣିଜ ପଦାର୍ଥ ଅନୁସାରେ ନାମିତ ହୋଇଛି। ଲୁହା ଏବଂ କୋଇଲା ଭଳି ଖଣିଜ ପଦାର୍ଥ ବିନା ଶିଳ୍ପାୟନ କଳ୍ପନା କରାଯାଇ ନଥାନ୍ତା।

ରାଷ୍ଟ୍ରପତି କହିଛନ୍ତି ଯେ, ଖଣି ଅର୍ଥନୈତିକ ବିକାଶ ପାଇଁ ସମ୍ବଳ ଯୋଗାଇଥାଏ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ତଥାପି ଏହି ଶିଳ୍ପର ଅନେକ ପ୍ରତିକୂଳ ପ୍ରଭାବ ମଧ୍ୟ ରହିଛି, ଯେଉଁଥିରେ ସ୍ଥାନୀୟ ବାସିନ୍ଦାଙ୍କ ବିସ୍ଥାପନ, ଜଙ୍ଗଲ କ୍ଷୟ ଏବଂ ବାୟୁ ଓ ଜଳ ପ୍ରଦୂଷଣ ଅନ୍ତର୍ଭୁକ୍ତ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏହି ପ୍ରତିକୂଳ ପ୍ରଭାବକୁ କମ୍ କରିବା ପାଇଁ ଖଣି ପ୍ରକ୍ରିୟା ସମୟରେ ସମସ୍ତ ନିୟମାବଳୀ କଡ଼ାକଡ଼ି ପାଳନ କରାଯିବା ଆବଶ୍ୟକ। ସ୍ଥାନୀୟ ବାସିନ୍ଦା ଏବଂ ବନ୍ୟପ୍ରାଣୀଙ୍କୁ ଯେପରି କ୍ଷତି ନହୁଏ ତାହା ନିଶ୍ଚିତ କରିବା ପାଇଁ ଖଣି ବନ୍ଦ କରିବା ସମୟରେ ମଧ୍ୟ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ୍।

ରାଷ୍ଟ୍ରପତି ଆଲୋକପାତ କରିଥିଲେ ଯେ, ଆମ ଦେଶ ତିନି ପାର୍ଶ୍ୱରେ ସମୁଦ୍ର ଦ୍ୱାରା ଘେରି ରହିଛି। ଏହି ସମୁଦ୍ରର ଗଭୀରତାରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ ଗଚ୍ଛିତ ରହିଛି। ଦେଶର ବିକାଶ ପାଇଁ ଏହି ସମ୍ପଦଗୁଡ଼ିକୁ ବ୍ୟବହାର କରିବାରେ ଭୂତତ୍ତ୍ୱବିତ୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ଭୂତତ୍ତ୍ୱବିତ୍ ମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଅନୁରୋଧ କରିଥିଲେ ଯାହା ସାମୁଦ୍ରିକ ଜୈବ ବିବିଧତାର କ୍ଷତିକୁ କମ୍ କରିବା ସହିତ ଦେଶର ଲାଭ ପାଇଁ ସମୁଦ୍ର ତଳେ ଥିବା ସମ୍ପଦଗୁଡ଼ିକୁ ବ୍ୟବହାର କରିପାରିବ।

## ସଂଗ୍ରାମୀ ପୀତାମ୍ବର ପଟ୍ଟନାୟକ ତ୍ୟାଗ ଓ ସମର୍ପଣର ମହାନୁଭବ



ଭୁବନେଶ୍ୱର, ୨୬।୯:ନ୍ୟୁଜ୍‌ବ୍ୟୁରୋ

ତ୍ୟାଗ ଓ ସମର୍ପଣର ମହାନୁଭବ ଥିଲେ ସ୍ୱାଧୀନତା ସଂଗ୍ରାମୀ ପୀତାମ୍ବର ପଟ୍ଟନାୟକ। ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଜଣେ କୀର୍ତ୍ତିମାନ ପୁରୁଷ ଥିଲେ ସ୍ୱର୍ଗତ ପୀତାମ୍ବର ପଟ୍ଟନାୟକ। ଛାତ୍ର ଜୀବନରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ନିଜକୁ ସମର୍ପଣ କରିଥିଲେ। ତାଙ୍କ ଜୀବନ ଉପରେ ବହୁଳ ଭାବେ ପ୍ରଭାବ ପଡ଼ିଥିଲା। ଫଳରେ ସେ ସ୍ୱାଧୀନତା ସଂଗ୍ରାମ ପାଇଁ ସୁନାମ କରିଥିଲେ। ଉତ୍କଳ କଂଗ୍ରେସ କାର୍ଯ୍ୟାଳୟ ଜମି ତାଙ୍କରି ଦାନ। ସ୍ୱର୍ଗତ ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି ଓ ନନ୍ଦିନୀ ଶତପଥୀଙ୍କର ସେ ଥିଲେ ଅତ୍ୟନ୍ତ ପ୍ରିୟ ବ୍ୟକ୍ତି ବୋଲି ୪୨ତମ ଶ୍ରାଦ୍ଧ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଥିଲେ। ୟୁନିଟ ୯ ବୁଦ୍ଧ ମନ୍ଦିର ପରିସରରେ ପୀତାମ୍ବର ନୀଳମଣୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂ, ଓଟିଡିସି ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ବିବେକାନନ୍ଦ ପାଣିଗ୍ରାହୀ, ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର। ଦେବୀଦତ୍ତ ବାରିକ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଂଯୋଜନା କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ଅରୁଣ ପଟ୍ଟନାୟକ। ମୁରଲୀ ମନୋହର ପାତ୍ରଙ୍କ ସମ୍ପାଦନରେ ସଂଗ୍ରାମୀ ପୀତାମ୍ବର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିରେ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଟ୍ରଷ୍ଟର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ଟ୍ରଷ୍ଟି ଡ. ପ୍ରଜ୍ଞା ପଟ୍ଟନାୟକ, ପ୍ରାଚୀ ପଟ୍ଟନାୟକ, ଇଂ. ପୂଜା ପଟ୍ଟନାୟକ, ଦୁର୍ଗାପ୍ରସନ୍ନ ଖୁଣ୍ଟିଆ, ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ପୂର୍ବତନ ସଭାପତି ଅନନ୍ତ ଜେନା, ଜିଆଉଲ ହକ, ଅଜିତ ପଟ୍ଟନାୟକ, ରାଜକିଶୋର ଦାସ, ବୀରେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ସମର୍ଥା, ସତ୍ୟଜିତ ମଙ୍ଗରାଜ ପ୍ରମୁଖ। ଏହି ଅବସରରେ ଆଇନଜୀବୀ ଅନନ୍ତ ନାରାୟଣ ଜେନା, ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, ମୋହରିୟର ଘନଶ୍ୟାମ ପାତ୍ର, ସମାଜସେବୀ ରାମକୃଷ୍ଣ ପରିଡ଼ାଙ୍କୁ ପିତାମ୍ବର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ଆମସାଥୀ-ଏକୀକୃତ ହ୍ୱାଟସ୍‌ଆପ୍ ଚାଟବଟ୍‌ର ଶୁଭାରମ୍ଭ

# ମେଟା ସହିତ ସହଭାଗିତାରେ ଆନ୍ଧ୍ର ପରେ ଦେଶରେ ଦ୍ୱିତୀୟ ରାଜ୍ୟ ହେଲା ଓଡ଼ିଶା

ଭୁବନେଶ୍ୱର, ୨୬।୯
ନ୍ୟୁଜ୍‌ବ୍ୟୁରୋ

ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ "ମେଟା" ସହିତ ସହଭାଗିତାରେ ଓଡ଼ିଶା ସରକାର ଶୁକ୍ରବାର 'ଆମସାଥୀ' ନାମକ ଏକୀକୃତ ହ୍ୱାଟସ୍‌ଆପ୍ ବଟ୍ ର ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସମଗ୍ର ରାଜ୍ୟର ୪ କୋଟି ୫୦ ଲକ୍ଷରୁ ଅଧିକଲୋକଙ୍କ ପାଇଁ ୧୨୦ଟି ନାଗରିକ ସେବା ସହଜ ହେବ। ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ତଥା କଷ୍ଟକର ହେଉଥିବା ସରକାରୀ ସେବା ପ୍ରଦାନକୁ ସହଜରେ ପହଞ୍ଚାଇବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ 'ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା, ସବୁକିଛି ଏକୀକୃତ ହ୍ୱାଟସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଶୁକ୍ରବାର ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦ (ସିଏମଏସ)କୁ ମଧ୍ୟ ମୁଖ୍ୟ ଶାସନ ସଚିବ ଶୁଭାରମ୍ଭ କରିଛନ୍ତି।



'ଆମସାଥୀ' ସହାୟକ ହ୍ୱାଟ୍ସ ଆପ୍ ଚାଟ ବଟ୍ ନମ୍ବର ୯୪୩୭୨୯ ୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ସେବା ପ୍ରଦାନ କ୍ଷମତା ରଖିଥିବା ଏହା ଏକ ଡିଜିଟାଲ ସହାୟକ ଭାବରେ ଡିଜାଇନ୍ କରାଯାଇଛି, ଯାହା ନାଗରିକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ସେବା ପାଇବାରେ ସହଜ ହେବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଗୃହ ଏବଂ ସହରାଞ୍ଚଳ ବିକାଶ ସମ୍ବନ୍ଧୀୟ ସେବା, ସାଧାରଣ ପ୍ରଶାସନ ସେବା ସହିତ ସିଧାସଳଖ ବାର୍ତ୍ତାଳାପ, ଶିକ୍ଷା, କୃଷି ଏବଂ ଉଦ୍ୟାନକୃଷି ସମ୍ବନ୍ଧୀୟ ସୂଚନା ଓ ସହାୟତା ଏହି ମାଧ୍ୟମରେ ମିଳିପାରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ, ଯାହା ନାଗରିକଙ୍କୁ ବିଭିନ୍ନ ବିଭାଗର ସରକାରୀ ସେବାଗୁଡ଼ିକୁ ଅଧିକ ସହଜ ଭାବେ ଉପଲବ୍ଧ କରାଇବ।

ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥାନନ, ଶିଳ୍ପ ଓ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପୂର୍ବତନ ସୂଚନା ଆୟୁକ୍ତ ଏବଂ ସିଓ୍ୱାଇଏସଡିର ପରାମର୍ଶଦାତା ଜଗଦାନନ୍ଦଙ୍କ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। 'ଆମସାଥୀ' ଏକୀକୃତ ହ୍ୱାଟସ୍‌ଆପ୍ ବଟ୍‌କୁ ସେଣ୍ଟର୍ ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ) ଏବଂ 'ମେଟା ଇଣ୍ଡିଆ' ସହଯୋଗରେ ବିକଶିତ କରିଛି।

## ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାର ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା

# ବିପଣନକୁ ସୁଦୃଢ଼ କରିବା ପାଇଁ ୧୦ଟି କୃଷକ ଉତ୍ପାଦକ ସଂଗଠନ ଓ ମକା କ୍ରେତାଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୯
ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ 'ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା' ଶୁକ୍ରବାର କୃଷି ଭବନ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ।



କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ, ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ, ଧାନ ପରେ, ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକରେ ମକା ମିଶନ କାର୍ଯ୍ୟକରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକାରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଇଥାନଲ ମିଶ୍ରଣ ନୀତି ଏବଂ 'ମିଠା ମକା' ଓ 'ବେବି କର୍ଣ୍ଣ'ର ବ୍ୟବହାର ଯୋଗୁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଭାରତୀୟ ମକା ଗବେଷଣା ସଂସ୍ଥାନ, ସିଆଇଏମଏମଓଆଇଟି ଏବଂ ଓୟୁଏଟି ପରି ବୈଜ୍ଞାନିକ ଅନୁଷ୍ଠାନ ଗୁଡ଼ିକ ମକା ଚାଷ ଏବଂ ମୂଲ୍ୟ ସଂଯୋଜନ ପାଇଁ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି।

କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଦେଶ ତଥା ଆମ ରାଜ୍ୟରେ ମକା ଚାଷର ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ମିଶନ ଚାଷୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ଓ କ୍ଲଷ୍ଟର ଆଧାରରେ ମକା ଚାଷ ଓ ବିପଣନରେ ସହାୟତା କରିଥିବା ବିଷୟରେ ଆଲୋକପାତ କରିଥିଲେ। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତ୍ତୀ ସିଂହ ରାଠୋର କହିଥିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି, ମକାର ଉତ୍ପାଦନରେ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇଦେବା। ମିଶନ ଶକ୍ତିର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ କହିଥିଲେ,ଏହି ମିଶନର ଆଭିମୁଖ୍ୟ ହେଉଛି ରାଜ୍ୟରେ ମକା ଚାଷ କ୍ଷେତ୍ରକୁ ସୁଦୃଢ଼ କରିବା ସହ ମକା ଚାଷ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା।

ଏହି କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ)- ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ, ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତ୍ତୀ ସିଂହ ରାଠୋର ଓ ମିଶନ ଶକ୍ତିର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧି ପ୍ରମୁଖ ମକା କ୍ରେତା, ରାଜ୍ୟର ବିଭିନ୍ନ ବିଭାଗର ଅଧିକାରୀ ଏବଂ ଗବେଷଣା ଅନୁଷ୍ଠାନର ବୈଜ୍ଞାନିକମାନେ ଅଂଶଗ୍ରହଣ କରିଥିଲେ। ଆଧୁନିକ ମକା ଚାଷ ପ୍ରଯୁକ୍ତି, ହାଇବ୍ରିଡ ବିହନ ଉତ୍ପାଦନର ସମ୍ଭାବନା, କଷ୍ଟମାଇଜଡ ଆଗ୍ରୋ-ସର୍ଭିସ ସେଣ୍ଟର ସ୍ଥାପନ ଏବଂ ସ୍ୱତନ୍ତ୍ର କିସମ ମକାର ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

## ସ୍ୱାଭିମାନ ଅଞ୍ଚଳରେ ବିଲୁପ୍ତ ହେବାକୁ ଯାଉଛି ଓଡ଼ିଆ ଭାଷା !

ମାଲକାନଗିରି, ୨୬।୯
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା-ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏବେ ଓଡ଼ିଆ ଭାଷା ବିଲୁପ୍ତ ପ୍ରାୟ। ଗାଁର ୭୦ ପ୍ରତିଶତ ଲୋକେ ତେଲୁଗୁ ଓ ପାରମ୍ପରିକ କନ୍ଧ ଭାଷା କହୁଥିବା ବେଳେ ଓଡ଼ିଆ ଭାଷା ବୁଝିବା ଓ କହିବା ସେମାନଙ୍କ ପାଇଁ କଷ୍ଟକର। ପ୍ରଶାସନିକ ଅବହେଳା ଓ ଗାଁରେ ଅଙ୍ଗନବାଡ଼ି କି ସ୍କୁଲ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ସୁନାମଗୋଇ ଗାଁ। ୩୦ରୁ ଅଧିକ ପରିବାର ବସବାସ କରୁଥିବା ଗାଁରେ ନାହିଁ ପକ୍କାଘର। ମାଟି ଟିଣ ଛପର କୁଡ଼ିଆରେ କଟେ ସମସ୍ତଙ୍କ ଜୀବନ। ଆନ୍ଧ୍ର ସୀମାରେ ଥିବାରୁ ୭୦ ପ୍ରତିଶତ ଲୋକେ ତେଲୁଗୁ ଭାଷାରେ କଥା ହୁଅନ୍ତି। ଓଡ଼ିଶା ଗାଁରେ କେହି ଓଡ଼ିଆ ଭାଷାରେ କଥା ହୁଅନ୍ତିନି କି ବୁଝନ୍ତିନି। ସୁନାମଗୋଇ ଗାଁରେ ୧୦ରୁ ୧୫ ଜଣ ବୃଦ୍ଧବୃଦ୍ଧା ଅଛନ୍ତି। ସେମାନଙ୍କୁ ମିଳିପାରୁନି ବାର୍ଦ୍ଧକ୍ୟ ଭତ୍ତା। ଅନେକ ହିତାଧିକାରୀଙ୍କ ପାଖରେ ନାହିଁ ରାସନକାର୍ଡ। ଏଠାରେ ୩୦ ବର୍ଷ ତଳୁ ବିଦ୍ୟାଳୟ ରହିଛି। ହେଲେ ବର୍ଷବର୍ଷ ଧରି ଶିକ୍ଷକମାନେ ଆସୁନଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି। ଛୋଟରୁ ବଡ଼ ସମସ୍ତେ ଓଡ଼ିଆ ଭାଷା ଜ୍ଞାନରୁ ବଞ୍ଚିତ ହୋଇ ତେଲୁଗୁ ଓ ସ୍ଥାନୀୟ ଭାଷାରେ କଥା ହୁଅନ୍ତି। କେବଳ ସୁନାମଗୋଇ ଗାଁ ନୁହେଁ, ପାଖରେ ଥିବା ଶୁଆପାଲି, କାଞ୍ଚନପେଟା, ନେରୁଡ଼ପାଲି ଗାଁରେ ଏବେ ତେଲୁଗୁ ଭାଷା ହିଁ ମୁଖ୍ୟ ଭାଷା। ବେଳ ଥାଉଥାଉ ଏସବୁ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର କରାନଗଲେ, ଓଡ଼ିଆ ଲୋକଙ୍କୁ ଆନ୍ଧ୍ର ଭାଷାଠୁ ଦୂରେଇବା କଷ୍ଟକର ହୋଇପଡ଼ିବ।